**କେନାଲରେ ବୁଡ଼ି ଚାଷୀ ମୃତ**

ଦିଗପହଣ୍ଡି/ପାଟପୁର,(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)-ପାଟପୁର ଥାନା ରାଧାଦେଇପୁର ପଞ୍ଚାୟତ ଉତ୍ତାଜଗନ୍ନାଥପୁର ଗ୍ରାମ ନିକଟ ଋଷିକୂଲ୍ୟା କେନାଲରେ ବୁଡି ରବିବାର ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସାନଖେମୁଣ୍ଡି ବ୍ଲକ ଜୟନଗର ଗ୍ରାମର ଚୌଧୁରୀ ଗୌଡ଼। ଚୌଧୁରୀ ଜମିରେ କାମ ସାରି କେନାଲରେ ଗାଧୋଉଥିବା ସମୟରେ ଅସାବଧାନତା କାରଣରୁ ପାଣିରେ ବୁଡି ଯାଇଥିଲେ। ପ୍ରଖର ପାଣି ସ୍ରୋତରେ ସେ ଭାସି ଯାଉ ଥିବା ବେଳେ କେନାଲରେ ଗାଧୋଉଥିବା ଅନ୍ୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ବିପୁଳ ପୋଚ ନଷ୍ଟ କଲା ଅବକାରୀ ବିଭାଗ

ପାତ୍ରପୁର,୨୫।୮(ଉମା ଚରଣ ନେପାକ)

ଗଚିଁକିଟି ବ୍ଲକରେ ମଦମୃତ୍ୟୁ ଘଟଣା ପରେ ଅବକାରୀ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚୋରା ମଦ ଧରପଗଡ଼ ଆରମ୍ଭ ହୋଇଛି । ଅବକାରୀ ଅଧୀକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ରବିବାର ଜରଡ଼ା ଥାନା ଗାଙ୍ଗପୁର, ଶାସନ ଓ ବଡ଼ଖୋଲା ଗ୍ରାମ୍ୟ ଜଙ୍ଗଲରେ ଚଢ଼ାଉ ବେଳେ ମଦ ତିଆରି ପାଇଁ ଥିବା ୧୩,୨୦୦ ଲିଟର ଗୁଡ଼ ପୋଚ ନଷ୍ଟ କରାଯିବା ସହ ବିକ୍ରି ଉଦେଶ୍ୟରେ ଥିବା ପ୍ରାୟ ୧୫୦୦ ଲିଟର ମଦ ଜବତ ହୋଇଛି। ଜବତ ମଦର ନମୁନା ପରୀକ୍ଷା ନିମନ୍ତେ ପଠାଇଥିବା ଚିଙ୍କିଟି ଅବକାରୀ ଉପ ଅଧିକ୍ଷକ କୁମୁଦ ରଞ୍ଜନ କହଁର ସୂଚନା ଦେଇଛନ୍ତି।

### ବିଲରେ ହଳ କରୁଥିବା ବେଳେ ଟଳିପଡ଼ିଲେ ବୃଦ୍ଧ

ଫିରିଙ୍ଗିଆ,୨୫।୮(ବିମଳ ଦିଗାଲ)

ଗୋଛାପଡ଼ା ଥାନା ଅଧୀନ ଆଟାଶ୍ରାମୁ ଗାଁରେ ରବିବାର ବିଲରେ ହଳ କରୁଥିବା ବେଳେ ଜଣେ ଷାଠିଏ ବର୍ଷୀୟ ବୃଦ୍ଧ ଟଳି ପଡ଼ିଛନ୍ତି। ସେ ହେଲେ ଇତିକ କହଁର। ବୃଦ୍ଧ ଜଣକ ସକାଳୁ ନିଜ ବିଲ ହଳ କରିବା ସମୟରେ ମୁଣ୍ଡ ବୁଲେଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ମେଡିକାଲ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଥିଲେ। ଗୋଛାପଡ଼ା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ନଂ.୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଆସିକା,୨୫।୮ (ସୁରେନ୍ଦ୍ର ନାଥ ସାହୁ)

ବିଶ୍ୱ ପରିବେଶ ଦିବସ ଅବସରରେ ଆସିକା ପଞ୍ଚାୟତ ସମିତି ପକ୍ଷରୁ ଚାରିମାଇଲି ଛକସ୍ଥିତ ବନ୍ୟ ବିଭାଗର ନଗରବନ ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଫକୀର ଚରଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ବନପାଳ ଶରତ ଚନ୍ଦ୍ର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି, ସିଆରପି, ଏମ୍.ବି.କେ., ବନ କର୍ମଚାରୀ ଓ ବ୍ଲକର କର୍ମଚାରୀମାନେ ସାମିଲ ଥିଲେ । ଏହି ଅବସରରେ ନଗରବନ ପରିସରରେ ୫୦ରୁ ଉର୍ଦ୍ଧ୍ୱ ଆମ୍ବ, ପିଆଶାଳ, ଅର୍ଜୁନ, ଶିଶୁଆ, ନିମ୍ବ ଆଦି ଚାରା ରୋପଣ କରାଯାଇଥିଲା।

### ଲକ୍ଷପତି ଦିଦି ସମ୍ମାନିତ

ଆସିକା,୨୫।୮(ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ଲକ୍ଷପତି ସ୍ୱୟଂ ସହାୟିକା ମହିଳାଙ୍କୁ ସମ୍ମାନିତ କରିବା ଲାଗି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଡିଓ ଫକୀର ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱୟଂ ସହାୟିକା ଲକ୍ଷପତି ମହିଳାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ୨୭ଟି ପଞ୍ଚାୟତର ୨ଶହ ଲକ୍ଷପତି ମହିଳାଙ୍କୁ ସମ୍ମାନିତ କରାଯାଇଥିଲା । ମହିଳାମାନଙ୍କୁ ସ୍ୱାବଲମ୍ବି କରିବା ଦିଗରେ ଆର୍ଥିକ ଅନୁଦାନ ପ୍ରଦାନ ସାଙ୍ଗକୁ ଗ୍ରାମର ମହିଳାମାନେ ଆର୍ଥିକ ଅନ୍ତର୍ଭୁକ୍ତି କରଣ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ କିଭଳି ପୁଣି ସ୍ୱାବଲମ୍ବୀ ହୋଇପାରିଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ଗାଁ ଭୋଜି, ଦେଶୀମଦ ଯୋଗୁ ଝାଡ଼ାବାନ୍ତି

## ଝିରିପାଣିରେ ୪ ମୃତ୍ୟୁ ଘଟଣାର ତଦନ୍ତ କଲେ ଡାକ୍ତରୀ ଟିମ୍

ତୁମୁଡିବନ୍ଧ,୨୫।୮(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଝିରିପାଣି ପଞ୍ଚାୟତରେ ପ୍ରାୟ ସପ୍ତାହେ ହେଲା ଝାଡ଼ାବାନ୍ତିରେ ଶତାଧିକ ଲୋକ ଆକ୍ରାନ୍ତ ହୋଇଥିବା ୪ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଛି । ରବିବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଡାକ୍ତରୀ ଦଳ ଓ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଆଉ ଏକ ସ୍ୱାସ୍ଥ୍ୟଟିମ୍ ମିଶି ଝାଡ଼ାବାନ୍ତି ବ୍ୟାପିଥିବା ଗାଁ ଗୁଡିକରେ ପହଞ୍ଚି ଘର ଘର ବୁଲି ଚିକିତ୍ସା କରିବା ସହିତ କେଉଁ କାରଣରୁ ଝାଡ଼ାବାନ୍ତି ହୋଇଥିଲା ତାହା ପଚାରି ବୁଝିଥିଲେ। ଏଥିସହ କେତେଜଣ ଆକ୍ରାନ୍ତ ହୋଇଛନ୍ତି ଓ କାହାର ମୃତ୍ୟୁ ହୋଇଛି ତଥ୍ୟ ସଂଗ୍ରହ କରିଥିଲେ। ତେବେ ଗାଁରେ ହୋଇଥିବା ଏକ ଭୋଜିରେ ଲୋକେ ମାଂସ ଖାଇ ଦେଶୀମଦ ପିଇଥିବା କାରଣରୁ ଝାଡ଼ାବାନ୍ତି ବ୍ୟାପିଛି ବୋଲି ତଦନ୍ତରୁ ଜଣାପଡିଥିବା ଟିମ୍ ପ୍ରକାଶ କରିଛି। ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଭିଷେକ ନାୟକ କହିଛନ୍ତି, ଶନିବାରଠାରୁ ସ୍ୱାସ୍ଥ୍ୟ ଟିମ ଚିକିତ୍ସା କରିବା ପରେ ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ରହିଛି। ତଦନ୍ତକାରୀ ଦଳର ତଦନ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ଭୋଜି ମାଂସ ଖାଇବା ପରେ ଦେଶୀମଦ ପିଇ ଝାଡ଼ାବାନ୍ତରେ କେବଳ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣଙ୍କ ଅନ୍ୟାନ୍ୟ ରୋଗରେ ମୃତ୍ୟୁ ହୋଇଛି। ଶନିବାର ରାତିରେ ଆମ୍ବୁଲାନ୍ସ ଯୋଗେ ଘାଟିପଦର ଗ୍ରାମରୁ ୩ ଜଣ, ବରଗାଁରୁ ୨ ଓ ପୁଡେନପଦରରୁ ଜଣକୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା ଜାରି ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।


ଝାଡ଼ାବାନ୍ତି ଆକ୍ରାନ୍ତ ଗାଁରେ ଡାକ୍ତରୀ ଦଳ ତଥ୍ୟ ସଂଗ୍ରହ କରୁଛନ୍ତି।

# ମନ୍ତ୍ରୀଙ୍କୁ ୧୩ ଦଫା ଦାବି ଜଣାଇଲା କଳାକାର ସଂଘ


 କଳାକାର ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି।

ପୋଲସରା,୨୫।୮(ସୁବ୍ରତ ବେହେରା)

ପୋଲସରାରେ ରବିବାର ଗଞ୍ଜାମ ଜିଲା ମୂର୍ତ୍ତିଶିଳ୍ପୀ, ପଟ୍ଟଚିତ୍ର ଓ ରଙ୍ଗତୁଳୀ କଳାକାର ସଂଘ ତରଫରୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ମନ୍ତ୍ରୀଙ୍କୁ ୧୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଭଗବାନ ସାହୁଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ରରେ ରଙ୍ଗତୁଳୀ କଳାକାରମାନଙ୍କ ସ୍ୱତନ୍ତ୍ର ପରିଚୟ, କଳାକାର ପଞ୍ଜିକରଣ, ପ୍ଲାଷ୍ଟର ପ୍ୟାରିସ୍ ମୂର୍ତ୍ତି ତିଆରି ଓ ବିକ୍ରି ବନ୍ଦ କରିବା, ସ୍ୱତନ୍ତ୍ର ରଙ୍ଗତୁଳୀ କାରିଗରଙ୍କ ବୋର୍ଡ ଗଠନ, ଠିକାଦାର ପ୍ରଥା ସମ୍ପୂର୍ଣ୍ଣ ବନ୍ଦ କରିବା, ୫୦ ବର୍ଷରୁ ଉର୍ଦ୍ଧ୍ୱ ରଙ୍ଗତୁଳୀ, ମୂର୍ତ୍ତି କାରିଗର ଓ କଳାକାରମାନଙ୍କୁ ପେନସନ ପ୍ରଦାନ, ଦୁର୍ଘଟଣା ଜନିତ ମୃତ୍ୟୁପାଇଁ ୨୦ଲକ୍ଷ ଓ ସ୍ୱାଭାବିକ ମୃତ୍ୟୁ ପାଇଁ ୧୦ଲକ୍ଷ ସହାୟତା ରାଶି ପ୍ରଦାନ, ସରକାରସ୍ତରରେ ହେଉଥିବା ସମସ୍ତ କାର୍ଯ୍ୟ ପାଇଁ ବ୍ୟବହୃତ ସାଇନ୍ ବୋର୍ଡ, ବ୍ୟାନର, ଅଙ୍ଗନୱାଡ଼ି ଓ ବିଦ୍ୟାଳୟ, ସ୍ୱଚ୍ଛ ଭାରତ, ମିଶନଶକ୍ତି ସମସ୍ତ ବିଭାଗର କାର୍ଯ୍ୟକୁ ସଂଘର ଆଞ୍ଚଳିକ କମିଟି ମାଧ୍ୟମରେ କାର୍ଯ୍ୟାଦେଶ ପ୍ରଦାନ, ଜିଲାର ପ୍ରତ୍ୟେକ ବ୍ଲକରେ ରଙ୍ଗତୁଳୀ କଳାକାରଙ୍କ ପାଇଁ ଗୋଷ୍ଠୀ କର୍ମଶାଳା ଗୃହ ଯୋଗାଇବା, ପଥର କାରିଗର ଓ ଭିନ୍ନକ୍ଷମ କଳାକାର ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ଆଦି ଦାବି ରହିଥିଲା। ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ଆରତୀ ଦେବୀ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝୀ, ବେଲଗୁଣ୍ଠାର ଶିବରାମ ରାଉତ, ପୁରୁଷୋତ୍ତମପୁରର ଅରୁଣ ବାଉତ୍ୟା, କବିସୂର୍ଯ୍ୟନଗର ସୁଶାନ୍ତ ମହାନ୍ତି, ପୋଲସରା ସଭାପତି ଭଗବାନ ସାହୁ, ଉପସଭାପତି ବସନ୍ତ କୁମାର ସାହୁ, ସମ୍ପାଦକ ହିନ ସ୍ୱାଇଁ, କୋଷାଧକ୍ଷ ଭଗବାନ ବେହେରା ସଭାରେ ମଞ୍ଚାସିନ ଥିଲେ। ଶେଷରେ ବିଭିନ୍ନ ବର୍ଗର କୃତିତ୍ୱ ଅର୍ଜନ କରିଥିବା କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ଚାକିରି ଅବସର ବୟସ ସୀମା ବୃଦ୍ଧି ସହ ବିଭିନ୍ନ ଦାବି ନେଇ ଆଲୋଚନା



ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ଛତ୍ରପୁର ସବ୍‌ଡିଭିଜନ ସଂଘର ବାର୍ଷିକ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ଛତ୍ରପୁର ସବ୍‌ଡିଭିଜନ ସଂଘର ବାର୍ଷିକ ସମ୍ମିଳନୀ

ଛତ୍ରପୁର,୨୫।୮ (ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ଜଳାପାଳଙ୍କ ପୁରୁଣା କାର୍ଯ୍ୟାଳୟ ସଭାଗୃହରେ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ଛତ୍ରପୁର ସବ୍‌ଡିଭିଜନ ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପ୍ରମୋଦ ଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ଚାକିରୀ ଅବସର ବୟସ ସୀମା ୬୦ବର୍ଷରୁ ୬୨କୁ ବୃଦ୍ଧି କରିବା, ଆର.ଏ. ନିୟମ-୧୯୯୦ ଅନୁସାରେ ପୁରୁଣା ପେନସନ ଯୋଜନା ଲାଗୁ କରିବା, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ତୃତୀୟ ଶ୍ରେଣୀକୁ ପଦୋନ୍ନତି ଦେବା, ଓଆର୍‌ଏସ୍‌ପି ନିୟମ-୨୦୧୭ ଅନୁସାରେ ସର୍ବନିମ୍ନ ମୂଳ ଦରମା ୧୮ହଜାର କରିବା, ଖାଲି ପଡିଥିବା ୪ର୍ଥ ଶ୍ରେଣୀ ପଦବୀ ପୂରଣ, ଅବସର ନେଇଥିବା ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପରିବାରକୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ କାର୍ଡ ଯୋଗାଇଦେବା ସମ୍ପର୍କରେ ସମ୍ମିଳନୀରେ ଆଲୋଚନା ହୋଇଥିଲା। ଦାବିଗୁଡିକ ସମ୍ପର୍କରେ ରାଜ୍ୟ ସଂଘକୁ ଅବଗତ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ସଂଘ ଉପଦେଷ୍ଟା ରବିନ୍ଦ୍ର ନାଥ ଦାଶ, ମୁଖ୍ୟବକ୍ତା ଭାବେ ଜିଲା ସଭାପତି ତ୍ରିନାଥ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ସଂଘ ଉପଦେଷ୍ଟା ଟି.ଗୁରୁମୂର୍ତ୍ତି , ଛତ୍ରପୁର ସବ୍‌ଡିଭିଜନ ସଂଘର ଉପଦେଷ୍ଟା ତାରିଣୀ ଚରଣ ରଥ, ସୁଶାନ୍ତ ପଣ୍ଡା, ସମ୍ପାଦକ ମନୋଜ କୁମାର ସାହୁ, କୋଷାଧ୍ୟକ୍ଷ ସୋମନାଥ ଦାସ, ହିଞ୍ଜିଳିକାଟୁ ବ୍ଲକ ସଂଘ ଉପଦେଷ୍ଟା ସରେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଂଘ ସଦସ୍ୟ ସୁବାଷ ପ୍ରଧାନ ଉପସ୍ଥିତ ରହି କର୍ମଚାରୀଙ୍କ ବିଭିନ୍ନ ସୁବିଧା, ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଚଳିତ ଆର୍ଥିକ ବର୍ଷ ୨୦୨୩/୨୪ ଆୟ ବ୍ୟୟର ହିସାବ କରାଯାଇଥିଲା । ସମ୍ପାଦକ ମନୋଜ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ଅଘୋଷିତ ବିଜୁଳି କାଟ, ଜନଜୀବନ ଅସ୍ତବ୍ୟସ୍ତ

ଖଜୁରିପଡ଼ା,୨୫।୮(ବିଦୁର ବେହେରା)

ଆଜିକୁ ପାଖାପାଖି ତିନିମାସ ହେବ ଖଜୁରିପଡ଼ା ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବା ଯୋଗୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ସନ୍ଧ୍ୟା ପ୍ରାୟ ୭ଟା ୫୦ ମିନିଟ୍‌ରୁ ବିଦ୍ୟୁତ୍ କାଟ୍ ହୋଇ ରବିବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ଆସିଲା ; ଯଦ୍ଦ୍ୱାରା ଦୃତିପଡା, ପିରି କୁଡ଼ି, ବଲସକୁମ୍ପା ପଞ୍ଚାୟତବାସୀ ଦୀର୍ଘ ସମୟ ଧରି ଅନ୍ଧାରରେ ଜୀବନ ବିତେଇଛନ୍ତି। ଅଞ୍ଚଳରେ ବିଦ୍ୟୁତ୍ କାଟ୍ ହେଲେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅସୁବିଧା ହେଉଥିବା ବେଳେ ବର୍ଷାଦିନ ଯୋଗୁ ସରୀସୃପ ଭୟ ଥିବା ଅଭିଯୋଗ ହେଉଛି। ଏ ନେଇ ବିଦ୍ୟୁତ୍ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ୨ ଶହ କିମି ପର୍ଯ୍ୟନ୍ତ ଖଜୁରିପଡ଼ା ବିଦ୍ୟୁତ୍ ବିସ୍ତୃତ ରହିଛି, ତାହା ସାଙ୍ଗକୁ ପାଖାପାଖି ୩୫୦ରୁ ଉର୍ଦ୍ଧ୍ୱ ଡିପି ସବ୍‌ଷ୍ଟେସନ ରହିଛି। ରାତିରେ ବିଦ୍ୟୁତ୍ ମରାମତି ପାଇଁ କର୍ମଚାରୀ ନାହାନ୍ତି। ତେଣୁ ଏହି ସବୁ ସମସ୍ୟା ହେଉଛି। ଯଦି ସୁଡ୍ରୁକୁମ୍ପା ଲାଇନ ଏବଂ ବଲସକୁମ୍ପା ଲାଇନକୁ ଅଲଗା କରାଯିବ ତା'ହେଲେ ଏ ସବୁ ସମସ୍ୟା ସମାଧାନ ହୋଇପାରିବ ବୋଲି କହିଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି । ଏହା ନ ହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି କହିଛନ୍ତି।

# ଅଙ୍ଗନୱାଡି କର୍ମୀ ସଂଘର ସାଙ୍ଗଠନିକ ସଭା

ଦିଗପହଣ୍ଡି,୨୫।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିଅଞ୍ଚଳେଶ୍ୱରୀମନ୍ଦିରପରିସରରେ ରବିବାର ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କସ ଆସୋସିଏସନ୍ ଦିଗପହଣ୍ଡି ଶାଖା ପକ୍ଷରୁ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ କାମନା ରଞ୍ଜନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର, ସମ୍ପାଦିକା କୁଞ୍ଜଲତା ଦାସ, କୋଷାଧକ୍ଷା ମନ୍ଦାକିନୀ ଦାସ, ଜିଲା ସଭାପତି ଭବାନୀ ଶଙ୍କର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ବାର୍ଷିକ ସଙ୍ଗଠନ ନିର୍ବାଚନ ପ୍ରକ୍ରିୟା, ସାଙ୍ଗଠନିକ ଚିଠା ପ୍ରସ୍ତୁତି ଏବଂ ସଂଘର ୭ ଦଫା ଦାବି ହାସଲ ପାଇଁ ଆଲୋଚନା କରାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଶେଷରେ ସଂଘର ଦିଗପହଣ୍ଡି ବ୍ଲକ ଶାଖା କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ବନିତା ପାତ୍ରଙ୍କୁ ସଭାନେତ୍ରୀ ଏବଂ ସୁଲୋଚନା ରଥଙ୍କୁ ସମ୍ପାଦିକା ରୂପେ ପୁନଃ ମନୋନୀତ କରାଯାଇଥିଲା। ଉପ ସଭାନେତ୍ରୀ ଭାବେ ସୁନୀତା ଦାସ, ସହ ସମ୍ପାଦିକା ବି.ରଶ୍ମିତା ପାତ୍ର, କୋଷାଧକ୍ଷା ମିନତୀ ପଟ୍ଟନାୟକ, ଉପଦେଷ୍ଟା ଗୌରୀ ଶଙ୍କର ପଣ୍ଡା, ଦୁର୍ଗାପ୍ରସାଦ ପାଢ଼ୀ ଏବଂ ସଂଘର ଜିଲା ସଂଯୋଜକ ଭାବେ କାମନା ରଞ୍ଜନ ପଣ୍ଡା, ଜିଲା ସଙ୍ଗଠନର ସଭ୍ୟା ଭାବେ ସୁମିତ୍ରା କୁମାରୀ ପଣ୍ଡା ଏବଂ ପ୍ରଭାସିନୀ ପାଣିଗ୍ରାହୀଙ୍କୁ ଚୟନ କରାଯାଇଥିବା ଜଣାପଡିଛି। ଏହି ସଭାରେ ୫ ଶହରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଓ ସହାୟିକା ବୃନ୍ଦ ଉପସ୍ଥିତ ଥିଲେ।

# ଘୁମୁସର ଇତିହାସ ଉପରେ ଗବେଷଣା ହେବ

## କବିସମ୍ରାଟ ବିଦ୍ୟାପୀଠ ୧୯୮୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ଭଞ୍ଜନଗର,୨୫।୮(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ କୁଳାଡ଼ କବିସମ୍ରାଟ ବିଦ୍ୟାପୀଠରେ ରବିବାର ୧୯୮୨ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ହୋଇଥିଲା। ଉକ୍ତ ବ୍ୟାଚରେ ଥିବା ପ୍ରଦ୍ୟୁମ୍ନ ନାୟକ ବର୍ତ୍ତମାନ ଭଞ୍ଜନଗର ବିଧାୟକ। ସେ ୪୨ବର୍ଷ ପରେ ବନ୍ଧୁମାନଙ୍କୁ ଏକାଠି କରି ବିଦ୍ୟାଳୟର ଉନ୍ନତି ପାଇଁ ପଦକ୍ଷେପ ନେଇଛନ୍ତି। ବନ୍ଧୁମିଳନ ଅବସରରେ ଆୟୋଜିତ ସଭାରେ ବିଧାୟକ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମମାଟିରେ ଜନ୍ମ ହେବା ସହ ଏଠାରେ ପାଠ ପଢ଼ିବାର ସୁଯୋଗ ପାଇଥିବାରୁ ନିଜକୁ ଗର୍ବିତ ମନେକରୁଛି ବୋଲି କହିଥିଲେ। ଉପଯୁକ୍ତ ଗବେଷଣା ଏବଂ ପ୍ରଚାର ପ୍ରସାର ଅଭାବରୁ ଲୋକେ ଆଜି ଘୁମୁସର ଇତିହାସ ଠିକ ଭାବେ ଜାଣିପାରୁନାହାନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଆଲୋଚନା କରିଛି ବୋଲି ପ୍ରଦ୍ୟୁମ୍ନ କହିଥିଲେ। ଆଗାମୀ ଦିନରେ ଘୁମୁସର ଇତିହାସ ଉପରେ କିଭଳି ଅଧିକ ଗବେଷଣା ହେବ ସେଥିପାଇଁ ପଦକ୍ଷେପ ନିଆଯିବ। ଏଥିସହ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମପୀଠ କୁଳାଡ଼ର ଆହୁରି ଅଧିକ ଉନ୍ନତି କରାଯିବ। ବ୍ରିଟିଶମାନଙ୍କ ବିରୋଧରେ ପ୍ରଥମେ ଘୁମୁସରର ଆଦିବାସୀ ବୀର ଯୋଦ୍ଧା ଦୋହରା ବିଷୋୟୀ ଏବଂ ଚକରା ବିଷୋୟୀ ଆନ୍ଦୋଳନ କରିଥିଲେ। ଘୁମୁସରରୁ ପ୍ରଥମେ ବ୍ରିଟିଶ ହଟାଓ ଅଭିଯାନ ଆରମ୍ଭ ହୋଇଥିଲା ବୋଲି କହିଥିଲେ। ପୁରାତନ ଛାତ୍ର ତଥା ଶିକ୍ଷକ ପ୍ରଦ୍ୟୁମ୍ନ ମଳିକ ସଭାକୁ ସଂଯୋଜନା କରିଥିଲେ। ତତ୍କାଳୀନ ଶିକ୍ଷକ ମନୁ ନନ୍ଦ ପତି, ଗଦାଧର ସାହୁ, ବୈଷ୍ଣବ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, କିରାଣି ଜଗତବନ୍ଧୁ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିଦ୍ୟାଳୟ ଅଧକ୍ଷ ଗୌରୀନନ୍ଦନ ହୋତା, ଧବଳେଶ୍ୱର ମାଝୀ ପ୍ରମୁଖ ସହଯୋଗ କରିଥିଲେ। ସଭା ପ୍ରାରମ୍ଭରେ ପରଲୋକଗତ ତତ୍କାଳୀନ ଶିକ୍ଷକ, ଛାତ୍ର ମାନଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।


ପୁରାତନ ଛାତ୍ରୀଛାତ୍ର।

# ବିଏସ୍‌ଏନ୍‌ଏଲ୍ ଟାୱାର ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଗୁମ୍ମା,୨୫।୮(ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡ଼ା ଗ୍ରାମପଞ୍ଚାୟତ ମେରିନଗର ଯିବା ରାସ୍ତାରେ ହେଉଥିବା ବିଏସ୍‌ଏନ୍‌ଏଲ୍ ଟାୱାର ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହି ଟାୱାର ନିର୍ମାଣ ୭ /୮ ମାସ ହୋଇଛି। ମାତ୍ର ନିମ୍ନମାନର କାମ ହୋଇଥିବାରୁ ଟାୱାର ଉଦ୍‌ଘାଟନ ପୂର୍ବରୁ ମାଟି ଦବିଗଲାଣି। ଏଥିରେ ଯେଉଁ ସରଞ୍ଜାମଗୁଡ଼ିକ ଲାଗିଛି ସେଗୁଡିକ ଧୀରେ ଧୀରେ ସଂଯୋଗ ଜାଗାରୁ ଖସି ମାଟିରେ ପଡିବା ଅବସ୍ଥାରେ ପହଞ୍ଚିଛି। ବର୍ଷା ହେଲେ ଟାୱାର ମାଟି ତଳକୁ ଦବିଯାଉଛି। ଫଳରେ ଟାୱାରର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟାୱାର ଚାରିପଟେ ଲାଗିଥିବା ଜାଲର ବେଡ଼୍ର ସ୍ଥାୟିତ୍ୱ ନେଇ ମଧ ଆଶଙ୍କା ପ୍ରକାଶ ପାଇଛି। ଗାତ ନ ଖୋଳି କେବଳ ସିମେଣ୍ଟ କଂକ୍ରିଟ୍‌ରେ କାମ ହୋଇଥିବାରୁ ସିମେଣ୍ଟ କଂକ୍ରିଟ ଶୂନ୍ୟରେ ଝୁଲି ରହିଛି। ମୁଖ୍ୟତଃ ଗ୍ରାମାଞ୍ଚଳ ଜନସାଧାରଣ ବିଏସ୍‌ଏନ୍‌ଏଲ୍ ନେଟୱର୍କ ଉପରେ ନିର୍ଭର କରୁଥିବା ବେଳେ ଉକ୍ତ ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ନେଟୱର୍କ ଚାଲୁନି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସରପଞ୍ଚ ପିନାଶ ରଇତ, ସମିତିସଭ୍ୟ କାଳାକା ସରସ୍ୱତୀ, ୱାର୍ଡମେମ୍ବର ଗୁଣବତୀ ସିଂ ଏବଂ ସିଏସ୍‌ପି ବାଲ୍ ରାଜୁ ଦାବି କରିଛନ୍ତି।

# ଶିକ୍ଷକମାନେ ହେଉଛନ୍ତି ଛାତ୍ରୀଛାତ୍ରଙ୍କ ପଥ ପ୍ରଦର୍ଶକ

## ବାଲାଜୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଚିଙ୍କିଟି,୨୫।୮(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିଙ୍କିଟି ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମସ୍ଥିତ ଶ୍ରୀବାଲାଜୀ ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ସୁଦର୍ଶନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ଚିଙ୍କିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଯୋଗଦେଇ ଛାତ୍ରୀଛାତ୍ରମାନେ ମନଦେଇ ପାଠ ପଢି ଶୃଙ୍ଖଳିତ ଜୀବନ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ପରିବେଶ ସମିତିର ସଭାପତି ଡ. ପି.ସୁନ୍ଦର ନାରାୟଣ ପାତ୍ର, ବିଡିଓ ଲକ୍ଷ୍ମଣ ସୁରେନ, ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ପି.ସତ୍ୟ ନାରାୟଣ ପାତ୍ର, ପରିଚାଳନା କମିଟି ସଭାପତି ରଘୁନାଥ ପ୍ରଧାନ ଯୋଗଦେଇ ଶିକ୍ଷକମାନେ ହେଉଛନ୍ତି ଛାତ୍ରୀଛାତ୍ରମାନଙ୍କ ପଥ ପ୍ରଦର୍ଶକ। ସେମାନେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ପ୍ରତି ଧ୍ୟାନ ଦେବାକୁ ମତ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଯୋଗଦେଇ ନୂଆପଡ଼ା ପଞ୍ଚାୟତ ସମିତିସଭ୍ୟ ଇପାରୀ ସୀମାଞ୍ଚଳ କହିଲେ, ୧୯୮୧ରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ମଧ୍ୟରେ ଚାଲିଛି। ଏପର୍ଯ୍ୟନ୍ତ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଖୋଲିପାରିନାହିଁ। ଫଳରେ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ଲାଭ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଥିଲେ। ପୂର୍ବରୁ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ଓ କଳା କ୍ଷେତ୍ରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ସାବିତ୍ରୀ ଗୌଡ଼ ଓ ଛାତ୍ର ସ୍ୱାଧୀନ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଭୟଙ୍କୁ ନୂଆପଡ଼ା ଗ୍ରାମର କୃଷ୍ଣମୂର୍ତ୍ତି ସତ୍ୟାମ୍ମା ସ୍ମୃତି ଉପଲକ୍ଷେ ସେମାନଙ୍କ ପରିବାର ପକ୍ଷରୁ ପ୍ରଦତ୍ତ ଅର୍ଥରାଶି (୫୦୦୦ ଟଙ୍କା) ଲେଖାଏ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅୟୋଶକାନ୍ତ ମହାନ୍ତି ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଡାନିଆଲ ମାରାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ସ୍ମୃତିରେଖା ଜେନା ଧନ୍ୟବାଦ ଦେଇଥିଲେ।



# ରୋଗୀ ସେବା ନାଁରେ ନିରୀହଙ୍କୁ ଶୋଷଣ

## ମେଡିସିନ ଷ୍ଟୋରରେ ଚିକିତ୍ସା

ପାରଳାଖେମୁଣ୍ଡି,୨୫।୮(ଗିରିଧାରୀ ପରିଛା)

ସରକାର ସ୍ୱାସ୍ଥ୍ୟସେବାକୁ ପ୍ରାଧାନ୍ୟ ଦେଇ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ବିନା ମୂଲ୍ୟରେ ଉତ୍ତମ ଚିକିତ୍ସା ଓ ଔଷଧ ଯୋଗାଇ ଦେଉଛନ୍ତି। ହେଲେ ଗଜପତି ଜିଲାରେ ସ୍ଥିତି କିନ୍ତୁ ପୁରା ଓଲଟା। ଏଠାର ସରକାରୀ ଡାକ୍ତରଖାନାରେ ଡାକ୍ତର ରହିଥିଲେ ମଧ ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବାରୁ ରୋଗୀ ବାଧ ହୋଇ ନକଲି ଡାକ୍ତର କିମ୍ବା ମେଡ଼ିକାଲ ଷ୍ଟୋରରେ ଚିକିତ୍ସିତ ହେଉଥିବା ଦେଖାଯାଉଛି। ଜିଲାର ଆଦିବାସୀ ଅଧ୍ୟୁଷିତ ଗୁମ୍ମା ବ୍ଲକ ଅଞ୍ଚଳର ଗୁମ୍ମା, ସେରଙ୍ଗ, ଗାଇବା, ପରିଡ଼ା, ନାମନଗଡ଼ ଓ ଅଜୟଗଡ଼ ଅଞ୍ଚଳରେ ବହୁ ମେଡ଼ିକାଲ ଷ୍ଟୋରରେ ରୋଗୀ ଚିକିତ୍ସା କରାଯାଉଛି। ବର୍ତ୍ତମାନ ବର୍ଷା ଋତୁରେ ଜର, କାଶ, ଥଣ୍ଡା, ମୁଣ୍ଡବିନ୍ଧା ଆଦି ଯୋଗୁ କେହି ଅସୁବିଧା ଭୋଗିଲେ ଏହାର ଫାଇଦା ଉଠାଇବା ପାଇଁ କେତେଜଣ ସ୍ୱାସ୍ଥ୍ୟ କର୍ମଚାରୀ ବେଆଇନ ଭାବେ ସ୍ୱାସ୍ଥ୍ୟକେନ୍ଦ୍ର ଛାଡ଼ି ନିଜ ଘରେ ରୋଗୀ ଚିକିତ୍ସା କରୁଥିବା ବୟାଜ ବେବର୍ତ୍ତା,ମାନୁଏଲ ଗମାଙ୍ଗ, ସାଲୁବୁ କାର୍ଜି, ଅନ୍ତିଏସ ରାଇକା, ଜୁବେନ ଶବର ଓ ବାବୁଲା ବେବର୍ତ୍ତା ଅଭିଯୋଗ କରିଛନ୍ତି। ସେହିପରି ଗୁମ୍ମା ଅଞ୍ଚଳରେ ଅନେକ ମେଡ଼ିକାଲ ଷ୍ଟୋର ଥିଲେ ମଧ ସେ ସବୁ ଯାଞ୍ଚ ହେଉ ନାହିଁ। ବହୁ ବର୍ଷ ଧରି ଚାଲୁଥିବା ମେଡ଼ିକାଲ ଷ୍ଟୋରଗୁଡ଼ିକର ନବୀକରଣ ନ ଥାଇପାରେ ବୋଲି ବୁଦ୍ଧିଜୀବୀ ମହଲ ଆଶଙ୍କା ପ୍ରକାଶ କରିଛନ୍ତି। ସେପଟେ ସରକାରୀ ଡାକ୍ତରଖାନା ଚିକିତ୍ସା ସେବା ଯୋଗାଇବାରେ ଫେଲ ମାରିଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଓ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଚଞ୍ଚକତା କରି ମହିଳାଙ୍କ ଆକାଉଣ୍ଟରୁ ଟଙ୍କା ନେଇଗଲେ

ବ୍ରହ୍ମପୁର, ୨୫।୮(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ମହିଳା ଚଞ୍ଚକତା କରି ଅନ୍ୟ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ନେଇଯାଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୩୮୭/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଲାଞ୍ଜିପଲ୍ଲୀ ଆମ୍ବେଦକର ନଗରର ସୁଷମା ହାତୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଋଣ ଟଙ୍କା ଆସିଥିଲା। ସେ ଉକ୍ତ ଟଙ୍କା ଉଠାଣ ପୂର୍ବରୁ ତାଙ୍କ ନୂଆ ଏଟିଏମ କାର୍ଡର ପିନ ଗୁପ୍ତ ନମ୍ବର ପ୍ରସ୍ତୁତ ପାଇଁ ସେଠାରେ ଥିବା ଜଣେ ମହିଳାଙ୍କୁ କହିଥିଲେ। ହେଲେ ମହିଳା ଜଣଙ୍କ ବିଭିନ୍ନ ଆଳ ଦେଖାଇ ସୁଷମାଙ୍କୁ ଠକିବାରେ ଲାଗିଥିଲେ। ବିଭିନ୍ନ ପର୍ଯ୍ୟାୟରେ ଉକ୍ତ ଏଟିଏମ କାର୍ଡ ଜରିଆରେ ତାଙ୍କ ଆକାଉଣ୍ଟରୁ ୩୮ ହଜାର ୪୩୫ ଟଙ୍କା ଉଠାଣ କରି ଠକେଇ କରିଛନ୍ତି। ଏନେଇ ସୁଷମା ଜାଣିବା ପରେ ବାରମ୍ବାର ଉକ୍ତ ମହିଳାଙ୍କୁ ପଚାରିଥିଲେ। ଶେଷରେ ଠକେଇ କରିଥିବା ମହିଳା ଜଣଙ୍କ ତାଙ୍କୁ ଦୁର୍ବ୍ୟବହାର ସହ ଧମକଚମକ ଦେଇଥିଲା। ଏଣୁ ସେ ଥାନାରେ ଅଭିଯୋଗ କରିଥିଲେ।

### ଗ୍ରାହକଙ୍କ ଟଙ୍କା ଠକେଇ

ବ୍ରହ୍ମପୁର, ୨୫।୮(ସୁବାସ ଚନ୍ଦ୍ର ପାଢ଼ୀ)

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀରେ ଜମାକାରୀଙ୍କ ଟଙ୍କା ଠକେଇ ହୋଇଛି। ଖୋଦ ସଂସ୍ଥାର ଜଣେ ବିଜିନେସ ଡେଭଲପମେଣ୍ଟ ମ୍ୟାନେଜର ସୂର୍ଯ୍ୟ ରଞ୍ଜନ ବିଶ୍ୱାଳ ଏହି କାଣ୍ଡ କରିଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୩୮୬/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଗାନ୍ଧୀନଗରରେ ଉକ୍ତ କମ୍ପାନୀ ରହିଛି। ଉତ୍କଳ ଗ୍ରାମୀଣ ବ୍ୟାଙ୍କକୁ ଆସୁଥିବା ଜମାକାରୀଙ୍କୁ ସୂର୍ଯ୍ୟରଞ୍ଜନ ଉକ୍ତ କମ୍ପାନୀରେ ଇନସ୍ୟୁରାନ୍ସ ବାବଦରେ କହି ଗ୍ରାହକଙ୍କ ଠାରୁ କିସ୍ତି ଆକାରରେ ଟଙ୍କା ସଂଗ୍ରହ କରୁଥିଲେ। କିନ୍ତୁ ସୂର୍ଯ୍ୟରଂଜନ ଖଲ୍ଲିକୋଟ, ଦିଗପହଣ୍ଡି, ଗୌତମୀ, ପଦ୍ମନାଭପୁର , ବ୍ରହ୍ମପୁରର ଅନେକ ଗ୍ରାହକଙ୍କ ଠାରୁ ସଂଗ୍ରହ କରିଥିବା ୮୦ ହଜାର ୧୬୩ ଟଙ୍କା କମ୍ପାନୀ ଆକାଉଣ୍ଟରେ ଜମା କରିବା ପରିବର୍ତ୍ତେ ନିଜ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଦେଉଥିଲେ। କମ୍ପାନୀ ଅଡିଟ ବେଳେ ଠକେଇ ଜଣାପଡ଼ିଥିଲା। ଏନେଇ କମ୍ପାନୀ କର୍ତ୍ତୃପକ୍ଷ ସୂର୍ଯ୍ୟରଞ୍ଜନଙ୍କୁ ଗତ ମଇ ମାସରେ ଭୁବନେଶ୍ୱର ଅଫିସକୁ ଆସିବାକୁ କହିଥିଲେ। ଠକେଇ କରିବା ପରେ ସେ କମ୍ପାନୀ ଛାଡି ଦେଇଥିବାରୁ ଏହାର ହିସାବ ସେ ଦେଇନଥିଲେ। ଶେଷରେ କମ୍ପାନୀର ମ୍ୟାନେଜର ଶିବ କୁମାର ସାହୁ ଏନେଇ ଥାନାରେ ଅଭିଯୋଗ କରିଥିଲେ।

### ସାପ କାମୁଡ଼ା ଚିକିତ୍ସା ସଚେତନତା ଶିବିର

ବ୍ରହ୍ମପୁର,୨୫।୮(ସ୍ୱାଧୀନ ଶେଖର ପାଢ଼ୀ)

ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ସାପ କାମୁଡ଼ା ଚିକିତ୍ସା ସଚେତନତା ଶିବିର ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ସ୍ନେକ ହେଲ୍ପ ଲାଇନ ସଂଯୋଜକ ସ୍ୱାଧୀନ ସାହୁ ଯୋଗ ଦେଇ ସାପ କାମୁଡ଼ା ଓ ଏହାର ପ୍ରାଥମିକ ଚିକିତ୍ସା ଉପରେ କହିଥିଲେ। ଛାତ୍ରୀମାନଙ୍କୁ ନେଇ ପ୍ରାକ୍ଟିକାଲ ମାଧ୍ୟମରେ ପ୍ରାଥମିକ ଚିକିତ୍ସା କିପରି କରିବେ ଦେଖାଯାଇଥିଲା। ସମାଜସେବୀ ସବିତା ସାହୁକାର, ଶିକ୍ଷୟିତ୍ରୀ ଅନିତା ଦାଶ, ସ୍ନେକ ହେଲ୍ପଲାଇନ ସଦସ୍ୟ ଶ୍ରୀକାନ୍ତ ନାହାକ, ଶିକ୍ଷୟିତ୍ରୀ ଭାଗ୍ୟଲତା ପାଣିଗ୍ରାହୀ, ଉପାଲି ଅପରାଜିତାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ଗିରିମାର୍କେଟ କୋଠାଭଙ୍ଗାକୁ ୩ ବର୍ଷ ବିତିଲା, କାମ ଶୂନ

## ଅସ୍ଥାୟୀ ଥଇଥାନ ସ୍ଥାନରେ ବ୍ୟବସାୟୀ ହଇରାଣ

ବ୍ରହ୍ମପୁର,୨୫।୮(ସ୍ମୃତି ରଞ୍ଜନ ମହାଲିକ)


ଭଙ୍ଗା ଯାଇଥିବା ପୁରୁଣା କୋଠା ସ୍ଥଳ।

ସହରର ଗିରି ମାର୍କେଟ କୋଠା ଭଙ୍ଗାଯିବାର ୩ ବର୍ଷ ପୁରିଛି। କିନ୍ତୁ ଆଜି ସୁଦ୍ଧା ନୂତନ କୋଠା ନିର୍ମାଣ ହୋଇପାରି ନାହିଁ। ଫଳରେ ଏଠାକାର ବ୍ୟବସାୟୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୋଠା ଭଙ୍ଗାଯିବା ପରେ ବ୍ୟବସାୟୀମାନେ ଗୋସାଣୀନୂଆଗାଁ ସ୍ଥିତ ଏକ ଘରୋଇ ଆପାର୍ଟମେଣ୍ଟକୁ ସ୍ଥାନାନ୍ତରିତ ହୋଇଥିଲେ। ସେଠାରେ ବ୍ୟବସାୟ ସେଭଳି ନ ହେବାରୁ ଅନେକ ବ୍ୟବସାୟୀଙ୍କୁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କର୍ପୋରେଶନ ରୋଡ ସ୍ଥିତ ନିଗମର ନିଜସ୍ୱ ଜାଗା ପ୍ରଦାନ କରାଯାଇଥିଲା। ବ୍ୟବସାୟୀମାନେ ନିଜସ୍ୱ ଖର୍ଚ୍ଚରେ ଦୋକାନ ଘର ନିର୍ମାଣ କରିଛନ୍ତି। କିନ୍ତୁ ଆଜି ଯାଏଁ ବ୍ୟବସାୟୀଙ୍କୁ ସ୍ଥାୟୀ ଦୋକାନ ଗୃହ ପ୍ରଦାନ କରାଯାଇ ନ ଥିବାରୁ ବହୁ ହଇରାଣ ହେଉଛନ୍ତି। ମାର୍କେଟ କୋଠା ଶୋଚନୀୟ ହୋଇପଡିବାରୁ ୨୦୨୨ ମେ ୧୩ ତାରିଖରେ ନିଗମର କାଉନସିଲ ବୈଠକରେ ଭାଙ୍ଗିବା ପାଇଁ ନିଷ୍ପତ୍ତି ହୋଇଥିଲା। ବ୍ୟବସାୟୀଙ୍କୁ ଖାଲି କରାଯିବା ପରେ ସେହି ବର୍ଷ ନଭେମ୍ବର ୧୭ ତାରିଖରେ କୋଠା ଭଙ୍ଗାଯାଇଥିଲା। ୧୦ ହଜାର ୭୮ ବର୍ଗ ମିଟର ସ୍ଥାନରେ ତଳ ମହଲା ଓ ୩ ମହଲା ଏଭଳି ୨ ଭାଗରେ କୋଠା ନିର୍ମାଣ ନିଷ୍ପତ୍ତି ହୋଇଥିଲା। ୪୯ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟରେ ୨୧୦ ଦୋକାନ ଘର ନିର୍ମାଣ ହେବ। ସରକାରୀ ଓ ଘରୋଇ ସହଭାଗିତାରେ କୋଠା ନିର୍ମାଣ ସହ ୨୦୨୫ ଏପ୍ରିଲ ସୁଦ୍ଧା କାମ ସାରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିସହ ଭେଣ୍ଡିଂ ଜୋନ, ପରିଶ୍ରାଗାର ଓ ୪୦୦ ବାଇକ ପାର୍କିଂ ପାଇଁ ଯୋଜନା ଥିଲା। ଯେଉଁଥିପାଇଁ ନିଗମ ନିଜସ୍ୱ ପାଣ୍ଠିରୁ ୨.୮୫ କୋଟି ଟଙ୍କା ଖର୍ଚ୍ଚ ପାଇଁ ଆକଳନ କରାଯାଇଥିଲା। ମାର୍କେଟ କମ୍ପ୍ଲେକ୍ସ ଓ ଭେଣ୍ଡିଂ ଜୋନ ନିର୍ମାଣ ପରେ କର୍ପୋରେସନ ରୋଡ, ଏସଏନଟି ରୋଡ, ଭାପୁର ବଜାର ଓ ହନୁମାନ ବଜାର ରାସ୍ତାରେ ଥିବା ଉଠା ଦୋକାନୀଙ୍କୁ ଥଇଥାନ ପାଇଁ ଯୋଜନା ଥିଲା। କିନ୍ତୁ ଏଯାଏଁ ନୂଆ କୋଠା ନିର୍ମାଣର ଡିପିଆର ପ୍ରସ୍ତୁତ କରାଯାଇ ନାହିଁ। ନିର୍ମାଣ ପାଇଁ ପୂର୍ବ ଖର୍ଚ୍ଚ ଆକଳନ ଓ ଡିପିଆର ମଧ୍ୟ ବାତିଲ ହୋଇଥିବା ସୂଚନା ମିଳିଛି। ପୁରୁଣା କୋଠା ସ୍ଥଳରେ ଏବେ ଆବର୍ଜନା ଭରିରହିଛି। ରାତିରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଅନ୍ୟପଟେ ଅସ୍ଥାୟୀ ସ୍ଥାନରେ ଥଇଥାନ ବ୍ୟବସାୟୀ ଉପଯୁକ୍ତ ସୁବିଧାରୁ ବଂଚିତ ହୋଇଛନ୍ତି। ଏଠାରେ ଠିକ ରାସ୍ତା, ପାନୀୟ ଜଳ ଓ ପରିଶ୍ରାଗାରର ବ୍ୟବସ୍ଥା ନାହିଁ। ମାର୍କେଟ ପରିସର ରାସ୍ତା ଶୋଚନୀୟ କାରଣରୁ ବ୍ୟବସାୟୀମାନେ ବର୍ଷା ଦିନେ ହଇରାଣ ହେଉଛନ୍ତି। ଦୋକାନ ସମ୍ମୁଖ କାଦୁଅରେ ଜମିରହୁଛି। ଏ ନେଇ ବ୍ୟବସାୟୀଙ୍କ ପକ୍ଷରୁ ନିଗମ କର୍ତ୍ତୃପକ୍ଷ ଓ ସ୍ଥାନୀୟ ବିଧାୟକଙ୍କୁ ଅବଗତ କରାଯାଇଥିଲେ ବି ପଦକ୍ଷେପ ନିଆଯାଉନ ଥିବା ଅଭିଯୋଗ ହୋଇଛି। ୫୬ ଅସ୍ଥାୟୀ ଦୋକାନ ଘର ଭିତରୁ ୧୬ ଦୋକାନ ଘରେ ବ୍ୟବସାୟ ହେଉଛି। ବିଏମସି ପକ୍ଷରୁ ଅସ୍ଥାୟୀ ମାର୍କେଟ ସାଧାରଣ ଲୋକଙ୍କ ଦୃଷ୍ଟି ଗୋଚର ହେଲାଭଳି ପଦକ୍ଷେପ ନିଆଯାଇ ନାହିଁ। ଏ ନେଇ ବିଏମସି ମେୟର ସଂଘମିତ୍ରା ଦଳେଇ କୁହିଛନ୍ତି, ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ପରେ ୧୫ ଦିନ ମଧ୍ୟରେ ନୂତନ କୋଠା ନିର୍ମାଣ ସଂପର୍କରେ ନିଷ୍ପତ୍ତି ହେବ। ପିପିପି ମୋଡରେ କାର୍ଯ୍ୟ ଆରମ୍ଭ କରାଯିବ। ପୁରୁଣା ବ୍ୟବସାୟୀ ଓ ଅସ୍ଥାୟୀ ସ୍ଥାନରେ ଥିବା ବ୍ୟବସାୟୀଙ୍କୁ ସେଠାରେ ପୁନଃ ଥଇଥାନ କରାଯିବ। ନୂତନ ବ୍ୟବସାୟୀଙ୍କୁ ଲଟେରୀ ମାଧ୍ୟମରେ ସ୍ଥାନ ଦିଆଯିବ। ନୂତନ ଡିପିଆର ଓ ଖର୍ଚ୍ଚ ଆକଳନ କରାଯିବ ବୋଲି ସେ କହିଛନ୍ତି।

## ଗଛର ଯତ୍ନ ନେବାକୁ କୁଳପତିଙ୍କ ଆହ୍ୱାନ


 କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୫।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା(ଏନଏସଏସ) ପକ୍ଷରୁ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଦ୍ମଶ୍ରୀ ସାବରମତୀ ଗଛ ଲଗାଇ ଏହାର ଶୁଭାରମ୍ଭ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ, ପରିବେଶ ଶୀତଳତା ପାଇଁ ବହୁଳ ଭାବେ ଚାରାରୋପଣ କରାଯିବା ଆବଶ୍ୟକ। ତେବେ ଗଛ ଲଗାଇବାଠାରୁ ତା'ର ଯତ୍ନ ନେବା ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ । ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ ରମେଶ ଚନ୍ଦ୍ର ବେହେରା ଚାରାରୋପଣ କରିବା ସହ ଏକ ସୁସ୍ଥ ଓ ସବୁଜ ରାଜ୍ୟରେ ପରିଣତ କରିବାକୁ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନା ବ୍ୟୁରୋ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସଂଯୋଜକ ପ୍ରଫେସର ଜୟନ୍ତ ପଣ୍ଡା ଅଧିକରୁ ଅଧିକ ବୃକ୍ଷ ରୋପଣ ପାଇଁ ସ୍ୱେଚ୍ଛାସେବୀଙ୍କୁ ଉପଦେଶ ଦେଇଥିଲେ । ବିଶ୍ୱବିଦ୍ୟାଳୟର କ୍ରୀଡା ସମ୍ପାଦକ ଶାରଦା ସାହୁ କ୍ରୀଡା ଭବନ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକୁ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଶଙ୍କର୍ଷଣ ମଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।। ଏନଏସଏସ ବ୍ୟୁରୋ ଅଫିସିଆଲ ସୌମ୍ୟ ସହଯୋଗ କରିଥିଲେ ।

### ଅଲ ଇଣ୍ଡିଆ ଥିଏଟର କାଉନସିଲର ବୈଠକ

ବ୍ରହ୍ମପୁର,୨୫।୮(ସ୍ମୃତି ରଞ୍ଜନ ମହାଲିକ)

ଅଲ ଇଣ୍ଡିଆ ଥିଏଟର କାଉନସିଲ ରାଜ୍ୟ ଶାଖାର ଏକ ବୈଠକ ରବିବାର ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଖା ସଭାପତି ରାମଚନ୍ଦ୍ର ସାସମଲ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନାଟ୍ୟ ସଂଗଠକ ଭବାନୀ ଶଙ୍କର ମିଶ୍ର ମୁଖ୍ୟ ଅତିଥି, ସମ୍ମାନନୀୟ ଅତିଥି ରୂପେ ରାଜ୍ୟ ଏକ୍ସ କ୍ୟାଡର ଶିକ୍ଷକ ମହାସଂଘର ସଂପାଦକ ନିଶାମଣି ପ୍ରଧାନ ଯୋଗ ଦେଇଥିଲେ। ଆଗାମୀ ଦିନରେ ରାଜ୍ୟ ଶାଖା ଅଧିକରୁ ଅଧିକ କାର୍ଯ୍ୟକାରୀ ହେଉ ବୋଲି ଅତିଥିମାନେ କହିଥିଲେ। ଶାଖାର ରାଷ୍ଟ୍ରୀୟ ସାଂଗଠନିକ ସଚିବ ପ୍ରବୀର ଜେନା ସଂଘର ଆଭିମୁଖ୍ୟ ସଂପର୍କରେ କହିଥିଲେ। ସଂଘର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରାଜଗୋପାଳ ପାଢି ଶପଥ ପାଠ କରାଇଥିଲେ। ସଂଘର ଉପଦେଷ୍ଟା ରାଜେନ୍ଦ୍ର ପାଢି, ଉପସଭାପତି ବବିତା ସ୍ୱାଇଁ, ଦୀନବନ୍ଧୁ ଶତପଥୀ, ଅଭିମନ୍ୟୁ ମିଶ୍ର, ସାଧାରଣ ସଂପାଦକ ବିଶ୍ୱମ୍ଭର ସାହୁ ଓ କୋଷାଧ୍ୟକ୍ଷ ସି ଏଚ ଦେବଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡ ମିହିର କୁମାର ତ୍ରିପାଠୀ ଅତିଥି ପରିଚୟ ଓ କୈଳାସ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅନୀଲ କୁମାର ପାତ୍ର, ପ୍ରଦୀପ ପଣ୍ଡା ଓ ଶଙ୍କର୍ଷଣ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଲିସ କର୍ମଚାରୀଙ୍କ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ

ବ୍ରହ୍ମପୁର,୨୫।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ଆମ୍ଭପୁଆ ସ୍ଥିତ ରିଜର୍ଭ ପୋଲିସ ପଡିଆରେ ବ୍ରହ୍ମପୁର ପୋଲିସ ପକ୍ଷରୁ ବରିଷ୍ଠ ଏବଂ କନିଷ୍ଠ ୨ ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନିୟର ଦଳ ୨-୧ ଗୋଲରେ ସିନିୟର ଦଳଙ୍କୁ ହରାଇ ବିଜୟ ହାସଲ କରିଛନ୍ତି । ଜୁନିୟର ଦଳ ପକ୍ଷରୁ ସଞ୍ଜୟ ଏବଂ ରାଜେଶ ଗୋଟିଏ ଲେଖାଏ ଗୋଲ କରିଥିବା ବେଳେ ସିନିୟର ଦଳ ପକ୍ଷରୁ ଇ. ସୁନ୍ଦର ବାବୁ ଗୋଟିଏ ଗୋଲ ନିଜ ଟିମ ସପକ୍ଷରେ ଦେବାରେ ସକ୍ଷମ ହୋଇଥିଲା । ମୁଖ୍ୟ ଅତିଥି ଭାବେ ରିଜର୍ଭ ଇନ୍ସପେକ୍ଟର ଏମ. ଲକ୍ଷ୍ମୀରଞ୍ଜନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଆୟୋଜିତ ମ୍ୟାଚକୁ ଗୋପାଳ ପଣ୍ଡା ପରିଚାଳନା କରିଥିବା ବେଳେ ଆୟୋଜକ ଭାବେ ବ୍ରହ୍ମପୁର ପୋଲିସର ଏମ.ଡି.ଅହମ୍ମଦ, ମହେନ୍ଦ୍ର ବେହେରା, ଭଜମନ ପ୍ରଧାନ,ରଞ୍ଜିତ ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସେହିପରି ବ୍ରହ୍ମପୁର ପୋଲିସ ଜିଲାର ହାବିଲଦାର ଏବଂ କନଷ୍ଟେବଲ୍ ସଂଘର ସଭାପତି ନୟନ ରଞ୍ଜନ ଆଚାର୍ଯ୍ୟ, ସମ୍ପାଦକ ପ୍ରଶାନ୍ତ ମାର୍ଥା ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

### ପରିବେଶ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୫।୮(ସ୍ୱାଧୀନ ଶେଖର ପାଢ଼ୀ)

ଅବଦୁଲ କଲାମ ଚାରିଟେବୁଲ ଟ୍ରଷ୍ଟ ଓ ଖଲ୍ଲିକୋଟ କଲେଜିଏଟ ଉଚ୍ଚବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପରିବେଶ ସଚେତନତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋସାଇଁନୂଆଗାଁ ଖଲ୍ଲିକୋଟ ଉଚ୍ଚବିଦ୍ୟାଳୟ ପରିସରରେ ଅବଦୁଲ କଲାମ ଟ୍ରଷ୍ଟ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଚାରାରୋପଣ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସେ କହିଥିଲେ ଯେ, ଆମେ ପରିବେଶର ସନ୍ତୁଳନ ପାଇଁ ଗଛ ଲଗାଉଛନ୍ତି। ଏହା ଏକ ପ୍ରଶଂସନୀୟ କାର୍ଯ୍ୟ। କିନ୍ତୁ ଏହାର ରକ୍ଷଣାବେକ୍ଷଣ ପାଇଁ ସମସ୍ତଙ୍କ ଦାୟିତ୍ୱ ରହିଛି। ଏଥି ଉପରେ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଖଣ୍ଡିୟ ବନ ଅଧିକାରୀ ଶନି ଖୋଖର, ଶିକୁଳା ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପରମଗୁରୁ, ଡ ଶଙ୍କର ନାରାୟଣ ବେଜ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡା, ସମ୍ପାଦକ ପଞ୍ଚାନନ ସୁର ଯୋଗଦେଇଥିଲେ । ଉପଦେଷ୍ଟା ଡ ପ୍ରକାଶ ଚନ୍ଦ୍ର ପାଣିଗ୍ରାହି ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶକୁନ୍ତଳା ରାଉଳ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ସ୍କୁଲ ପରିସରରେ ବହୁ ଉପାଦେୟ ଚାରା ରୋପଣ କରାଯାଇଥିଲା। ଖଲ୍ଲିକୋଟର ବିଶିଷ୍ଟ ପରିବେଶ ପ୍ରେମୀ କ୍ରିଷ୍ଟା କୁମାରୀ ସାମନ୍ତ, ପ୍ରଭାତୀ କୁମାରୀ ଦାଶ, ହେମନ୍ତ କୁମାର ମହାରଣା ପ୍ରମୁଖଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ତଥା ପରିବେଶ ପ୍ରେମୀ ବଂଶୀଧର ସେଠୀ, କେ. ସତ୍ୟମ ଆଚାରି, ପଦ୍ମିନୀ ମିଶ୍ର, ସରୋଜ ବାଳା ପଟ୍ଟନାୟକ, ମହାଦେବ ମଲିକ, ଦୀପିକା ଦାଶ, ଦଣ୍ଡପାଣି ବେହେରା, ମମତା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସଂରକ୍ଷଣରେ ଅନୁସୂଚିତ ଜାତି ଓ ଜନଜାତି ମଧ୍ୟରେ ବିଭେଦ ସୃଷ୍ଟି ଏକ ପ୍ରାୟୋଜିତ ଚିନ୍ତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୫।୮
(ସୁବାସ ଚନ୍ଦ୍ର ପାଢ଼ୀ/ସ୍ମୃତି ରଞ୍ଜନ ମହାଲିକ)

ମାନବବାଦୀ ହେତୁବାଦୀ ସଂଗଠନ ଜିଲା ଶାଖା ପକ୍ଷରୁ ରବିବାର କମାପଲୀ ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ସଂରକ୍ଷଣରେ ବର୍ଗିକରଣ ଓ ସୁପ୍ରିମକୋର୍ଟର ରାୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଇ ଟି ରାଓ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ରୂପେ ସ୍ତମ୍ଭକାର ଭାଲଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିଲେ। ସଂରକ୍ଷଣରେ ଅନୁସୂଚିତ ଜାତି ଓ ଜନଜାତି ମଧ୍ୟରେ ବିଭେଦ ସୃଷ୍ଟି ସରକାରଙ୍କ ଏକ ପ୍ରାୟୋଜିତ ଚିନ୍ତା। ଶିକ୍ଷା ଓ ସାମାଜିକ ସ୍ତରରେ ଯେତେବେଳେ ଯାଏଁ ଅଭିବୃଦ୍ଧି ଘଟି ନାହିଁ ସେ ପର୍ଯ୍ୟନ୍ତ ସଂରକ୍ଷଣ ରହିବା ଆବଶ୍ୟ। ଅନୁସୂଚିତ ଜାତି ଓ ଜନଜାତିଙ୍କ ମଧ୍ୟରେ ବର୍ଗିକରଣ ଓ କ୍ରିମି ଲେୟାରକୁ ନେଇ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି ତାହା ମୂଳତଃ ସଂରକ୍ଷଣ ବ୍ୟବସ୍ଥା ଦୁର୍ବଳ କରିବାକୁ ଉଦ୍ଦିଷ୍ଟ ବୋଲି ମୁଖ୍ୟ ଅତିଥି କହିଥିଲେ। ଯେଉଁଠି ସେମାନଙ୍କ ମଧ୍ୟରେ ପଶ୍ଚାତପଦତା କିମ୍ବା ସାମାଜିକ ଅସମାନତା ଅଧିକ ରହିଛି ସେଠି କେବଳ ବର୍ଗୀକରଣ କରାଯାଇପାରେ ବୋଲି ସେ କହିଥିଲେ। ସୋମନାଥ ବେହେରା, ପ୍ରତାପ ଚନ୍ଦ୍ର ଚୌଧୁରୀ, ବିଧୁପ୍ରଭା ରଥ, ମହର୍ଷି ସିଂ, ବିଧାନ ଚନ୍ଦ୍ର ନାୟକ, ସୁନେଜ କୁମାର ପାଣିଗ୍ରାହୀ, ଆଦିତ୍ୟ ନାରାୟଣ ରଥ ଓ ଗୋପାଳ ମହାପାତ୍ର ପ୍ରମୁଖ ଆଲୋଚନାଚକ୍ରରେ ମତ ରଖିଥିଲେ। କେ ବାସବା ରାଜୁ, ପ୍ରତାପ ଚନ୍ଦ୍ର ପ୍ରଧାନ, ଡି ମୋହନ ରାଓ ଓ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ଭର ଡାଉନ: ଆଉଟଡୋର ଟିକଟ ନ ପାଇ ରୋଗୀ ହନ୍ତସନ୍ତ



ଟିକଟ ପାଇଁ ଆଉଟଡୋର ଟିକଟ କାଉଣ୍ଟରେ ଗହଳି।

ବ୍ରହ୍ମପୁର,୨୫।୮(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଆଉଟଡୋର ଟିକଟ କାଉଣ୍ଟର ସର୍ଭର ଡାଉନ ଯୋଗୁ ରବିବାର ଶତାଧିକ ରୋଗୀ ସମସ୍ୟା ଭୋଗିଛନ୍ତି। ଏମକେସିଜି ମେଡ଼ିକାଲ ଆଉଟଡୋରେ ରୋଗୀଙ୍କୁ ଟିକଟ ପ୍ରଦାନ କରିବାକୁ ୯ ଟି କାଉଣ୍ଟର ରହିଛି। ରୋଗୀମାନେ ଡାକ୍ତରଙ୍କୁ ପରାମର୍ଶ କରିବା ପୂର୍ବରୁ ଟିକଟ କରିବା ବାଧ୍ୟତାମୂଳକ। ହେଲେ ରବିବାର ସକାଳୁ ଟିକଟ ପାଇଁ ଲୋକେ ଧାଡି ବାନ୍ଧିଥିଲେ। ସର୍ଭର ଡାଉନରୁ ରୋଗୀମାନଙ୍କୁ ଟିକଟ ମିଳିନଥିଲା। ଫଳରେ ଡାକ୍ତରଙ୍କୁ ପରାମର୍ଶ କରିନପାରି ଅନେକ ରୋଗୀ ଫେରିଯାଇଥିଲେ। ଏମକେସିଜିକୁ ଆସୁଥିବା ରୋଗୀଙ୍କୁ ଆଉଟଡୋର ଟିକଟ ଯୋଗାଇଦେବାକୁ ମଲଟିସଫ୍ଟ କ୍ୟୁମୁନିକେସନ ପ୍ରାଇଭଟେ ଲିମିଟେଡ ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ।ଏହି ସଂସ୍ଥା ନିଜସ୍ୱ କର୍ମଚାରୀଙ୍କୁ ନିୟୋଜିତ କରିଥିବା ବେଳେ କମ୍ପ୍ୟୁଟର ଏବଂ ଅନଲାଇନ ସର୍ଭର ମଧ୍ୟ ସଂସ୍ଥା ଦ୍ୱାରା ସ୍ଥାପନ କରାଯାଇଛି। ଏଥିପାଇଁ ଏହି ସଂସ୍ଥା ଏମକେସିଜି ଠାରୁ ମାସିକ ଲକ୍ଷାଧିକ ଟଙ୍କା ନେଉଛି। ଉକ୍ତ ଘରୋଇ ସଂସ୍ଥାର ଅବହେଳା ଯୋଗୁ ରୋଗୀମାନେ ଏଭଳି ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଥିଲା। କେବଳ ରବିବାର ନୁହଁ ବରଂ ଗତ ୩ ଦିନ ହେବ ଆଉଟଡୋରରେ ଏଭଳି ସମସ୍ୟା ଦେଖାଦେଇଥିବା ଅନେକ ରୋଗୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଘରୋଇ ସଂସ୍ଥା ରୋଗୀଙ୍କ ରକ୍ତ ପରୀକ୍ଷା ନମୁନା ରିପୋର୍ଟକୁ ଅନଲାଇନରେ ଅପଲୋଡ କରିବା ଦାୟିତ୍ୱ ନେଇଛି। ତାହା ମଧ୍ୟ ଠିକ ଭାବେ କରୁନଥିବା ଅନେକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି।

### ଇସ୍ରୋ ପରିଦର୍ଶନରେ ଯିବେ ୩୦ ବିଦ୍ୟାର୍ଥୀ

ବ୍ରହ୍ମପୁର,୨୫।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ସେଣ୍ଟ ଜାଭିୟର୍ସ ସ୍କୁଲର ବିଦ୍ୟାର୍ଥୀ ସେପ୍ଟେମ୍ବର ୧୪ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧୱନ ସ୍ପେସ ସେଣ୍ଟର୍ ପରିଦର୍ଶନ କରିବେ । ଏହି ଯାତ୍ରାରେ ଅନୁଷ୍ଠାନର ୩୦ ଛାତ୍ରୀଛାତ୍ରଙ୍କ ସହ ୫ ଶିକ୍ଷକ ସାମିଲ ହୋଇଛନ୍ତି। ବ୍ରହ୍ମପୁରରୁ କୌଣସି ଏକ ଶିକ୍ଷାନୁଷ୍ଠାନ ମହାକାଶ ଗବେଷଣା କେନ୍ଦ୍ର ବୁଲିବା ଏହା ପ୍ରଥମ ଇସ୍ରୋ ଯିବା ପାଇଁ ବ୍ରହ୍ମପୁରରେ ଥିବା ସମସ୍ତ ଜାଭିୟର୍ସ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଚୟନ ପ୍ରକ୍ରିୟା ହୋଇଥିଲା। ଏହାକୁ ଇସ୍ରୋ ପକ୍ଷରୁ ଜଣେ କନିଷ୍ଠ ବୈଜ୍ଞାନିକ ପରିଚାଳନା କରିଥିଲେ। ଶ୍ରୀହରିକୋଟା ଗବେଷଣା ଓ ଉତକ୍ଷେପଣ କେନ୍ଦ୍ର ପରିଦର୍ଶନ କଲେ ଛାତ୍ରୀଛାତ୍ର ମହାକାଶ ଗବେଷଣାର ଉପଗ୍ରହ ଓ ରକେଟ ଲଞ୍ଚ ବିଷୟରେ ପ୍ରକୃତ ଜ୍ଞାନ ଆହରଣ କରିପାରିବେ ବୋଲି ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପରିଚାଳନା ନିର୍ଦ୍ଦେଶକ ଇଂ. କୁନାଲ କୌଶିକି ପଣ୍ଡା କହିଛନ୍ତି।

## ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍: ବ୍ରହ୍ମପୁର ଜୋନ୍ ଚାମ୍ପିୟନ



ପୁରସ୍କାର ସହ ହ୍ୟାଣ୍ଡବଲ ଦଳର କୃତୀ ପ୍ରତିଯୋଗୀ।

ବ୍ରହ୍ମପୁର,୨୪।୮(ସ୍ୱାଧୀନ ଶେଖର ପାଢ଼ୀ)

ଖଲ୍ଲିକୋଟ କଲେଜ ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ଆଇସିଏସ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୪ବର୍ଷରୁ କମ ବର୍ଗର ବାଳିକା,ବାଳକ ୧୭ବର୍ଷରୁ କମ ବର୍ଗର ବାଳିକା ବାଳକଙ୍କ ସହ ୧୦ଟି ଦଳ ଏଥିରେ ସାମିଲ ଥିଲେ । ୪ ବର୍ଗରେ ବ୍ରହ୍ମପୁର ଜୋନ ଚାମ୍ପିଅନ ହୋଇଥିଲା। ଏମଏଭି ସ୍କୁଲ କାର୍ଯ୍ୟକାରୀ ସଭାପତି ପ୍ରକାଶ ପଣ୍ଡା, କୁମୁଦ ରଞ୍ଜନ ପାଢ଼ୀ, ଅଧ୍ୟକ୍ଷ ଦ୍ୱାରିକାନାଥ ପ୍ରତିଯୋଗିତା ଉଦଘାଟନ କରିଥିଲେ। ୧୪ ବର୍ଷରୁ କମ ବାଳିକା,ବାଳକ ବିଭାଗରେ ବ୍ରହ୍ମପୁର ଜୋନ ପ୍ରଥମ, ଝାରସୁଗୁଡ଼ା ଦ୍ୱିତୀୟ ଓ ବାଲେଶ୍ୱର ତୃତୀୟ ହୋଇଥିଲା। ସେହିଭଳି ୧୭ ବର୍ଷରୁ କମ ବାଳିକା,ବାଳକ ବିଭାଗରେ ବ୍ରହ୍ମପୁର ପ୍ରଥମ, ଝାରସୁଗୁଡ଼ା ଦ୍ୱିତୀୟ ଓ ବାଲେଶ୍ୱର ତୃତୀୟ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ କାର୍ମେଲ ସ୍କୁଲ ଅଧ୍ୟକ୍ଷା ସିଷ୍ଟର ଡୋରେଟ, ଡିପଲ ସ୍କୁଲର ଫାଦର ରିକାର୍ଡୋ ପ୍ରଧାନ, ସେଣ୍ଟଭିନସେଣ୍ଟ ଅଧ୍ୟକ୍ଷା ସିଷ୍ଟର ମେରିଆ, ସେଣ୍ଟଜୋସେଫର ସିଷ୍ଟର ଅଜନ୍ତା, ଗୁରନାନକ ସ୍କୁଲ ଅଧ୍ୟକ୍ଷା ନିବେଦିତା ସାହୁ, ଜୟଶ୍ରୀ କେମିକେଲ ଅଧ୍ୟକ୍ଷା ଜୟଲକ୍ଷ୍ମୀ ମହାନ୍ତି ପୁରସ୍କାର ବିତରଣ କରିଥିଲେ। ଏନଆଇସି କୋଚ ପ୍ରଶାନ୍ତ କୁମାର ରଥ, ଜାତୀୟ ରେଫେରୀ ସନ୍ଦୀପ କୁମାର ପାତ୍ର, ଦୀପକ କୁମାର ମହାନ୍ତି, ପ୍ରମୋଦ କୁମାର ପଟ୍ଟନାୟକ,ରମେଶ ଜେନା, କ୍ରୀଡ଼ ଶିକ୍ଷକ ସୁରେଶ ଚନ୍ଦ୍ର ପାଢ଼ୀ, ବିନାୟକ ହୋତା, ଏ.ତେଜସ୍ୱୀ, ଦିବ୍ୟସିଂହ ପଟ୍ଟନାୟକ, ପ୍ରଗତୀ ପଟ୍ଟନାୟକ, ନୀଳମାଧ ରଥ, ତ୍ରିବେନ୍ଦ୍ର କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରାଚୀନ ଭାଷା ସଂସ୍କୃତର ପ୍ରସାର କରିବାକୁ ଆହ୍ୱାନ

ବ୍ରହ୍ମପୁର,୨୫।୮(ସ୍ୱାଧୀନ ଶେଖର ପାଢ଼ୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ, ଗଞ୍ଜାମ ଶାଖା ଆନୁକୂଲ୍ୟରେ ବ୍ରହ୍ମପୁର ଆଇଟିଆଇ ସଭାଗୃହରେ ୨୯ତମ ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ସଂଘ ସଭାପତି ପଣ୍ଡିତ ପ୍ରମୋଦ କୁମାର ବାଜୁବନ୍ଧ ସଭାପତିତ୍ୱ କରିଥିଲେ। ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭଳି ପ୍ରାଚୀନ ଭାଷାର ପ୍ରସାର ପାଇଁ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିରବିଚ୍ଛିନ୍ନ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଦିଲ୍ଲୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡ଼. ଭାଗୀରଥି ନନ୍ଦ ସଂସ୍କୃତ, ସଂସ୍କୃତି ଓ ବିଜ୍ଞାନର ସମନ୍ୱୟ ଦ୍ୱାରା ଦେଶର ଉନ୍ନତି ସମ୍ଭବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ସଂସ୍କୃତ ହେଉଛି ଦେବଭାଷା ଓ ଏହା ଭାରତର ଆତ୍ମା ବୋଲି କହିଥିଲେ । ଡଃ କୁମାର ଚନ୍ଦ୍ର ମିଶ୍ର ସଂସ୍କୃତଶିକ୍ଷକ ସଂଘକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ । ଗଞ୍ଜାମ ଜିଲା ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ପଣ୍ଡିତ ଗୋପାଳକୃଷ୍ଣ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସମ୍ପାଦକ ପଣ୍ଡିତ ଜୟରାମ ମିଶ୍ର ସମ୍ପାଦକୀୟ ପାଠ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ଗୀତା ଆବୃତ୍ତି ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଚଳିତବର୍ଷ ଅବସର ଗ୍ରହଣ କରିଥିବା ୧୪ ପଣ୍ଡିତଙ୍କୁ ସମ୍ମାନିତ କରାଯାଇଥିଲା। ଜିଲାରେ ସଂସ୍କୃତ ବକ୍ତୃତା ଓ ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୩୦୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଡ଼ଃ.ଦୁର୍ଗାପ୍ରସାଦ ମିଶ୍ର ସଭା ସଞ୍ଚାଳନ କରିଥିଲେ । ପଣ୍ଡିତ ଆଦିତ୍ୟ ରଥ ଧନ୍ୟବାଦ ଦେଇଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ବିନାୟକ ତ୍ରିପାଠୀ, ମାମି ସାହୁ, ସୂର୍ଯ୍ୟ ନାରାୟଣ ଶତପଥୀ, ନିତ୍ୟାନନ୍ଦ ଦାଶ, ବିଶ୍ୱନାଥ ଦାଶ, ଅରୁନ୍ଧତୀ ପଟ୍ଟନାୟକ, ସୁଧାକର ବର୍ଲି, ସୀମାଞ୍ଚଳ ତ୍ରିପାଠୀ, ରଞ୍ଜିତ ପଣ୍ଡା, ପ୍ରଫୁଲ୍ଲ କୁମାର ପାତ୍ର, ମୁନୀ ବିଷୋୟୀ, ପ୍ରଭାକର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଲକ୍ଷପତି ଦିଦି ସମ୍ମାନ ସମାରୋହ

ତୁମୁଡିବନ୍ଧ,୨୫।୮ (ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ରବିବାର ଲକ୍ଷ ପତି ଦିଦି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ତୁମୁଡିବନ୍ଧ ବିଡିଓ ବନ ବିହାରୀ ହରପାଲ,ସମ୍ମାନିତ ଅତିଥି ଭାବେ ବ୍ଲକ ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ କ୍ରିଷ୍ଣା କୁମାରୀ ବେହେରା ଯୋଗ ଦେଇଥିଲେ। ଏସଏଚ୍‌ଜି କିପରି ସମସ୍ତେ ଲକ୍ଷ ପତି ଦିଦି ଭାବରେ ସ୍ୱାବଲମ୍ବୀ ହୋଇପାରିବେ ସେନେଇ ଗୁରୁତ୍ୱ ଦେଇଥିଲେ। ତୁମୁଡିବନ୍ଧ ବ୍ଲକରୁ ୧୩୬ଜଣ ମହିଳା ଲକ୍ଷପତି ଦିଦି ଭାବରେ ଚୟନ ହୋଇ ସେଥିରୁ ୬୦ଜଣଙ୍କୁ ସମ୍ମାନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ଅଧିକାରୀ ବାଦଲ ପ୍ରଧାନ ପରିଚାଳନା କରିଥିଲେ। ବିଏଲସି ସଞ୍ଜୟ ପାତ୍ର ଧନ୍ୟବାଦ ଦେଇଥିଲେ।

**ଚକାପାଦ,(ପ୍ରତାପ କିଶୋର ବେହେରା):** ଚକାପାଦ ବ୍ଲକରେ ମିଶନ ଶକ୍ତି ଦ୍ୱାରା ରବିବାର ଲକ୍ଷପତି ଦିଦିମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ୧୨ ପଞ୍ଚାୟତରୁ ୧୫୦ଜଣ ମହିଳା ଅଂଶଗ୍ରହଣ କରିଥିଲେ। ସେଥିରୁ ୧୨୦ଜଣଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହଁର ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ରଚନା ନାୟକ, ସରପଞ୍ଚ, ସମିତିସଭ୍ୟ ଅଂଶଗ୍ରହଣ କରିଥିଲେ। ଗ୍ରାମାଞ୍ଚଳର ମହିଳାଙ୍କ ଆର୍ଥିକ କ୍ଷମତାକୁ ବୃଦ୍ଧି କରିବାରେ ସିଆରପି ଓ ଏମବିକେମାନଙ୍କ କାର୍ଯ୍ୟକୁ ବିଡିଓ ହୃଦରଞ୍ଜନ ସାହୁ ପ୍ରଶଂସା କରିଥିଲେ। ସୁରେଶ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

### କଳିଙ୍ଗ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଜି.ଉଦୟଗିରି,୨୫।୮ (ଶିଶିର ପଟ୍ଟନାୟକ)

କଳିଙ୍ଗ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେର, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଳରାମ ସାହୁଙ୍କ ଉପସ୍ଥିତିରେ ଅତିରିକ୍ତ ତହସିଲଦାର ଫାଲ୍‌ଗୁନୀ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦେବବ୍ରତ ବାରିକଙ୍କ ତତ୍ତ୍ୱାବଧାନରେ ଫୁଲବାଣୀ ରକ୍ତଭଣ୍ଡାର କର୍ମକର୍ତ୍ତା ଦୀନକୃଷ୍ଣ ମହନ୍ତ, ପ୍ରଶାନ୍ତ ରତ୍ନାଲୁ, ଅର୍ଚ୍ଚନା ପ୍ରଧାନ, ଜ୍ୟୋତିରଞ୍ଜନ ପୃଷ୍ଟି, ବରୁଣ ବେହେରା ରକ୍ତ ସଂଗ୍ରହ କରିଥିଲେ। ଅଧ୍ୟାପକ ଦ୍ୱିତୀକୃଷ୍ଣ ଖଣ୍ଡୁଆଳ, ବିନାୟକ ବିଶ୍ୱାଳ, ଅଧ୍ୟାପିକା ଅନିତା ପଟ୍ଟନାୟକ, ଝୁନୁମା ପ୍ରଧାନ, ସରୋଜ ଦାଶଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ।

### ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ

ମୋହନା, ୨୫।୮ (ମନ୍ମଥ ମିଶ୍ର)

ଅଡବାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ ପାଳିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ଜିଲା ସମ୍ପାଦକ ଶ୍ୟାମସୁନ୍ଦର ଶବର, ବଜରଙ୍ଗ ଦଳର ସହ ସଂଯୋଜକ ରବୀନ୍ଦ୍ର ମଲ୍ଲିକ , ଜିଲା ଉପ ସଭାପତି ନାରଦ ମଲ୍ଲିକ, ଜିଲା ପ୍ରଚାର ପ୍ରସାର ପ୍ରମୁଖ ସଂଗ୍ରାମ ପାଇକ, ମୋହନା ବ୍ଲକ ସଭାପତି ଦିବାକର ପ୍ରଧାନୀଙ୍କ ସହ ଅଡବା ଅଞ୍ଚଳର ୩୦ ଖଣ୍ଡ ଗ୍ରାମର ଲୋକମାନେ ଉପସ୍ଥିତ ଥିଲେ।

# ଭାଜପା ବିରୋଧରେ ପ୍ରଚାର ପତ୍ର ବାଣ୍ଟିଲା ବିଜେଡି

## ଭତ୍ତାଧାରୀଙ୍କୁ ମାସିକ ୩୦୦୦ ଟଙ୍କା ଦେବା ଦାବି

ବ୍ରହ୍ମପୁର,୨୫।୮ (ନରସିଂହ ସାହୁ)

ଭାଜପା ଗତ ନିର୍ବାଚନୀ ସଂକଳ୍ପପତ୍ରରେ ହିତାଧିକାରୀଙ୍କ ଭତ୍ତା ବୃଦ୍ଧି କରାଯିବାର ପ୍ରତିଶ୍ରୁତି ଦେଇଥିଲା। ରାଜ୍ୟରେ ସରକାର ଗଠନ ପରେ ଭାଜପା ତାହା ଭୁଲି ଯାଇଛି। ଏହାର ପ୍ରତିବାଦରେ ବ୍ରହ୍ମପୁରରେ ବିଜେଡି ପକ୍ଷରୁ ପ୍ରଚାର ପତ୍ର (ଲିଫଲେଟ) ମାଧ୍ୟମରେ ମୋହନ ମାଝୀ ସରକାର ବିରୋଧରେ ଜନ ସଚେତନତା ସୃଷ୍ଟି ଆରମ୍ଭ ହୋଇଛି। ସରକାର ପ୍ରତିଶ୍ରୁତି ପାଳନ କରିବାକୁ ବିଜେଡି ଦାବି କରିଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ବିଜେଡି ପକ୍ଷରୁ ମହିଳା, ଯୁବ, ଛାତ୍ର ଓ ଅନ୍ୟ ଛାମୁଆ ସଂଗଠନ କର୍ମକର୍ତ୍ତାଙ୍କୁ ନେଇ ସମନ୍ୱୟ କମିଟି ଗଠନ ହୋଇଛି। କମିଟି ନାଁରେ ପ୍ରଚାର ପତ୍ର ଛପାଯାଇଛି। ସବୁ ୱାର୍ଡରେ ହଜାର ହଜାର ଲିଫଲେଟ ବଣ୍ଟା ଆରମ୍ଭ ହୋଇଛି। ଏବେ ମହାନଗର ନିଗମର ୪୨ ୱାର୍ଡ ମଧ୍ୟରୁ ୩୬ଟିରେ ବିଜେଡି କର୍ପୋରେଟର ଅଛନ୍ତି। ସେମାନଙ୍କ ଦ୍ୱାରା ଘରକୁ ଘର ବୁଲି ପ୍ରଚାର ପତ୍ର ବଣ୍ଟା ଅଭିଯାନ ଚାଲିଛି। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ମହିଳା ବିଜେଡି ଜିଲା ସଭାନେତ୍ରୀ ତଥା ବିଏମ୍‌ସି ମେୟର ସଂଘମିତ୍ରା ଦଳେଇ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ବିଜେଡି କହିବାନୁସାରେ ଭତ୍ତାଧାରୀଙ୍କୁ ୩୦୦୦ ଏବଂ ବୟସ୍କ ମାନଙ୍କୁ ୩୫୦୦ ଟଙ୍କା ଦେବାର ଭାଜପା ସରକାର ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା। ତେବେ ମୋହନ ସରକାରଙ୍କ ପ୍ରଥମ ବଜେଟରେ କେବଳ ୮୦ ବର୍ଷରୁ ଅଧିକ ହିତାଧିକାରୀଙ୍କୁ ମାସିକ ସାଢ଼େ ୩ ହଜାର ଟଙ୍କା ଭତ୍ତା ଦିଆଯିବାର ବ୍ୟବସ୍ଥା କରାଯାଇଛି। ଅନ୍ୟ ହିତାଧିକାରୀମାନଙ୍କୁ ଏଥିରୁ ବଞ୍ଚିତ କରି ଭାଜପା ପ୍ରତାରଣା କରିଥିବା ପ୍ରଚାର ପତ୍ରରେ ଦର୍ଶାଯାଇଛି।

କେବଳ ଭତ୍ତା ବୃଦ୍ଧି ନୁହେଁ ସମସ୍ତଙ୍କୁ ମାସିକ ୩୦୦ ୟୁନିଟ ମାଗଣା ବିଦ୍ୟୁତ ମଧ୍ୟ ଛାଡ଼ କରିବାର ଭାଜପା ପ୍ରତିଶ୍ରୁତି ଦେଇଥିଲା। ତାହା ମଧ୍ୟ ଫମ୍ପା ପ୍ରତିଶ୍ରୁତିରେ ପରିଣତ ହୋଇଛି। ମହିଳାଙ୍କ ସୁଭଦ୍ରା ଯୋଜନାରେ କେଁ ରଖାଯାଇଛି। ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ସବୁ ହିତାଧିକାରୀଙ୍କୁ ଆସନ୍ତା ମାସରୁ ୩୦୦୦ ଟଙ୍କା ଲେଖାଏଁ ଦିଆନଗଲେ ଭାଜପା ସରକାର ବିରୋଧରେ ବିଜେଡି ରାଜରାସ୍ତାରେ ଆନ୍ଦୋଳନକୁ ଜୋରଦାର କରିବାର ସତର୍କ କରିଦେଇଛି।

ପ୍ରତିକ୍ରିୟାରେ ଜିଲା ଭାଜପା ସଭାପତି ଡ଼ା. ସୁବାସ ସାହୁ କହିଛନ୍ତି ବର୍ତ୍ତମାନର ସରକାର ସବୁ ପ୍ରତିଶ୍ରୁତି କ୍ରମାନ୍ୱୟରେ କାର୍ଯ୍ୟକାରୀ କରିବାକୁ ଅଙ୍ଗୀକାରବଦ୍ଧ। ଗତ ନିର୍ବାଚନରେ ବିଜେଡି ଶୋଚନୀୟ ଭାବେ ପରାଜିତ ପରେ ନୂଆ ସରକାରକୁ ଟାର୍ଗେଟ କରି ବିଭ୍ରାନ୍ତିକର ପ୍ରଚାର କରୁଛି ବୋଲ ସେ ସୂଚାଇଛନ୍ତି।

# ୱାୟନାଡ୍‌ରୁ ବ୍ରହ୍ମପୁର ଫେରିଲା ‘ଷ୍ଟର୍ମ’



## ମୃତଦେହ ଠାବକରି ପ୍ରଶଂସା ସାଉଁଟିଲା

ବ୍ରହ୍ମପୁର,୨୫।୮ (ସୁବାସ ଚନ୍ଦ୍ର ପାଢ଼ୀ)

କେରଳର ୱାୟନାଡ୍ ଜିଲାରେ ଗତ ଜୁଲାଇ ୩୦ ତାରିଖରେ ହୋଇଥିବା ପ୍ରଳୟଙ୍କାରୀ ଭୂସ୍ଖଳନରେ ନିଖୋଜଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ଯାଇଥିବା ବ୍ରହ୍ମପୁର ପୋଲିସର ସନ୍ଧାନୀ କୁକୁର ‘ଷ୍ଟର୍ମ’ ଫେରିଛି। ସେଠାରେ ସର୍ଚ୍ଚ ଅପରେଶନ ସମୟରେ ଷ୍ଟର୍ମ ୧୨ରୁ ୧୫ ମୃତଦେହ ଠାବ କରିଥିବା ହେଡ କନଷ୍ଟେବଲ ପ୍ରହ୍ଲାଦ ନାୟକ କହିଛନ୍ତି। ଷ୍ଟର୍ମର ଏହି କାର୍ଯ୍ୟକୁ ସେଠାକାର ଆଇଜି ପ୍ରଶଂସା କରିଥିବା ସେ କହିଛନ୍ତି।

ୱାୟନାଡ୍ ଭୂସ୍ଖଳନ ପରେ ମାଟି ତଳେ ପୋତି ହୋଇଥିବା ମୃତଦେହ ଠାବ କରିବା ପାଇଁ ଗତ ୪ତାରିଖରେ ବ୍ରହ୍ମପୁର ପୋଲିସ ଜିଲାର ହେଡ୍ କନଷ୍ଟେବଲ ନାୟକଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ଷ୍ଟର୍ମ ସହିତ ସେଠାକୁ ଯାଇଥିଲେ। ଭୂସ୍ଖଳନ ସ୍ଥାନରେ ରହି ସେମାନେ ନିଖୋଜଙ୍କୁ ଠାବ କରିବା ଆରମ୍ଭ କରିଥିଲେ। ଷ୍ଟର୍ମ ଚିହ୍ନଟ କରୁଥିବା ସ୍ଥାନକୁ ଏନଡିଆର୍‌ଏଫ ତରଫରୁ ଜେସିବି ଲଗାଇ ଖୋଳା ଯାଉଥିଲା। ଏଭଳି ଭାବେ ସେଠାରେ କାମ କରାଯାଇ ବିଭିନ୍ନ ଦିନରେ ମୃତଦେହ ଠାବ ହୋଇଥିଲା। ମୃତଦେହ ଠାବ କରିବାରେ ଷ୍ଟର୍ମ ଏକ ପ୍ରମୁଖ ଭୂମିକା ନେଇଥିଲା। ଷ୍ଟର୍ମର କାମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ବୋଲି ହେଡ କନଷ୍ଟେବଲ୍ ନାୟକ କହିଛନ୍ତି।

# ମୋହନା ଅଞ୍ଚଳରେ ଅବକାରୀ, ପୋଲିସର ମିଳିତ ଚଢ଼ାଉ

ମୋହନା,୨୫।୮ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଲୁହାଗୁଡ଼ି, ଖାରିଗୁଡ଼ା, କଳାମେରି, ଲୁଡ୍ରୁ, କାମ୍ପଗୁଡ଼ା ଗ୍ରାମରେ ରବିବାର ଅବକାରୀ ଏବଂ ସ୍ଥାନୀୟ ପୋଲିସ ମିଳିତ ଚଢ଼ାଉ କରିଛି। ମଦ ବ୍ୟବସାୟୀମାନେ ଚୋରାରେ ପ୍ରସ୍ତୁତ କରି ରଖିଥିବା ବିପୁଳ ପରିମାଣର ପୋଚ ଓ ୪୬୦ ଲିଟର ମଦକୁ କର୍ମଚାରୀମାନେ ନଷ୍ଟ କରିଦେଇଛନ୍ତି। ଗତ କିଛି ଦିନ ତଳେ ଗଞ୍ଜାମ ଜିଲା ଅନ୍ତର୍ଗତ ଚିକିଟି ବ୍ଲକ ଅଞ୍ଚଳରେ ଚୋରାରେ ବିକ୍ରି ହେଉଥିବା ବିଷାକ୍ତ ଦେଶୀ ମଦ ପିଇ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ଏକାଧିକ ବ୍ୟକ୍ତି ଗୁରୁତର ହୋଇ ଏବେ ମଧ୍ୟ ଚିକିତ୍ସିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ଘଟଣା ପରେ ତତ୍ପରତା ପ୍ରକାଶ କରିଛି। ବିଭାଗୀୟ କର୍ମଚାରୀମାନେ ଚୋରାରେ ପ୍ରସ୍ତୁତ ହେଉଥିବା ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ମଦ ଜବତ କରି ନଷ୍ଟ କରିବା ସହ ବ୍ୟବସାୟୀଙ୍କୁ ଗିରଫ କରୁଛନ୍ତି। ରବିବାର ଗଜପତି ଜିଲା ମୋହନା ବ୍ଲକରେ ଏକ ଟିମ୍ ମିଳିତ ଭାବେ ଚଢ଼ାଉ କରି ଦେଶୀ ମଦଭାଟିଗୁଡ଼ିକ ନଷ୍ଟ କରିଛନ୍ତି। ଅବକାରୀ ଏବଂ ପୋଲିସ ୪ହଜାର ଲିଟର ପୋଚ ନଷ୍ଟ କରିବା ସହ ୪୦୦ଲିଟର ଦେଶୀ ମଦ ମଧ୍ୟ ନଷ୍ଟ କରିଛନ୍ତି। ଏନେଇ ୫ଟି ମାମଲା ୬୭/୩୫୦, ୩୫୧/୨୪-୨୫, ୩୫୨/୨୪-୨୫, ୩୫୩/୨୪-୨୫, ୩୫୪/୨୪-୨୫ରେ ରୁଜୁ ହୋଇଛି। ସୂଚନାଯୋଗ୍ୟ, ମୋହନା ବ୍ଲକ ଏକ ଦୁର୍ଗମ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଗ୍ରାମଗୁଡିକରେ ଚୋରାରେ ଦେଶୀ ମଦ ପ୍ରସ୍ତୁତି ହେବା ସହ ଚୋରା କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଜବତ ମଦ ଏବଂ ପ୍ରସ୍ତୁତ ସାମଗ୍ରୀ।

### ମଦ ଜବତ, ଜଣେ ଗିରଫ

ଚିକିଟି,୨୫।୮ (ପ୍ରକାଶ ଚନ୍ଦ୍ର ସାହୁ)

କେ. ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଞ୍ଚଳରେ ରନ୍ଧାମଦ ବେଆଇନ ଭାବେ ଚାଲାଣ ହେଉଥିବା ସୂଚନା ପାଇ ରବିବାର ନୂଆପଡ଼ା ଫାଣ୍ଡି ପୋଲିସ ଚଢାଉ କରି ୭୦ ଲିଟର ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରି ବାଇକ୍ ଜବତ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ଜରଡା ଥାନା ତୁରୁବୁଡ଼ି ପଞ୍ଚାୟତ ସାଗର ସାହିର ବୁଲୁ କାର୍ଜି। ସୂଚନାଯୋଗ୍ୟ, ଦୀର୍ଘ ଦିନ ହେଲା ଜରଡ଼ା ଥାନା ଅନ୍ତର୍ଗତ ଆଦିବାସୀ ଗ୍ରାମ ଅଞ୍ଚଳରୁ ଚୋରା ଦେଶୀ ମଦ ଆଣି ବୁଲୁ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭ୍ରମରପୁର, ବିଏଲ୍‌ଏନ୍‌ପୁର, ଗୌଡ଼ଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଚାଲାଣ କରୁଥିବା ଅଭିଯୋଗ ହେଉଥିଲା। ରବିବାର ସକାଳେ ବୁଲୁ ବାଇକ୍ (ନଂ. ଓଡି ୦୭ ଏଏଲ-୧୧୮୦) ଯୋଗେ ୭୦ ଲିଟର ରନ୍ଧା ଦେଶୀ ମଦ ଧରି ଯାଉଥିବା ପୋଲିସକୁ ସୂଚନା ମିଳିଥିଲା।

### ରାଜ୍ୟସ୍ତରୀୟ ପୁରୁଷ, ମହିଳା କବାଡି ଟୁର୍ନାମେଣ୍ଟ

ବୁଗୁଡା,୨୫।୮ (କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଶ୍ରୀକର ଭଞ୍ଜ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ତୃତୀୟ ରାଜ୍ୟ ସ୍ତରୀୟ ପୁରୁଷ ଓ ମହିଳା କବାଡି ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଆୟୋଜକ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କେ.ପ୍ରିୟଦର୍ଶନୀ ଆଚାରୀ, ସମ୍ମାନିତ ଅତିଥି ଭାବେ ବୁଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଯୁବ ସାମାଜିକ କର୍ମୀ ଜଗନ୍ନାଥ ବଡ଼େଇ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ପୁରୁଷ ବର୍ଗରେ ୧୬ଟି ଦଳ ଓ ମହିଳା ବର୍ଗରେ ୭ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ପୁରୁଷ ବର୍ଗର ହିଞ୍ଜିଳିକାଟୁ ଓ ବାଲିପଦର ଦଳ ମଧ୍ୟରେ ହୋଇଥିଲା। ରେଫେରି ଏମ୍. ଶ୍ରୀନିବାସ ଦୋରା, ଅଂଶୁମାନ ବିଷୋୟୀ, ଭଞ୍ଜ କିଶୋର ଗୌଡ ଓ ହରିହର ବିଶ୍ୱାଳ ମ୍ୟାଚଗୁଡିକୁ ପରିଚାଳନା କରିଥିବା ବେଳେ ରାମେଶ୍ୱର କହଁର ଓ ଲିପୁନା ପ୍ରଧାନ ସ୍କୋରର ଭାବେ ଏବଂ ତନିଷ୍କା ମନସ୍ୱିନୀ ସାହୁ ଓ ଉର୍ମିଳା ସାହୁ ଲାଇନ୍ସ ମ୍ୟାନ୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କ୍ରୀଡ଼ା ଶିକ୍ଷକ କ୍ରିଷ୍ଣାରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଦ୍ୱିଦିବସୀୟ ଟୁର୍ନାମେଣ୍ଟକୁ ପରିଷଦ ସମ୍ପାଦକ ଅନିଲ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

# ଜାତୀୟ ପତାକାକୁ ଅସମ୍ମାନ, ଏନ୍‌ଏସି ବିରୋଧରେ ଏତଲା

ବେଲଗୁଣ୍ଠା,୨୫।୮ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସ୍ତମ୍ଭରେ ଗୁଡ଼େଇ ରଖାଯାଇଛି ଭାରତର ଜାତୀୟ ପତାକା। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି ଘଟଣା ଦେଖିବାକୁ ମିଳିଛି ବେଲଗୁଣ୍ଠା ଏନ୍‌ଏସି କାର୍ଯ୍ୟାଳୟରେ। ଅଗଷ୍ଟ ୧୫ ତାରିଖଠାରୁ ଜାତୀୟ ପତାକାକୁ ଏନଏସି ପକ୍ଷରୁ ଅବହେଳା ଓ ଅସମ୍ମାନ ପ୍ରଦର୍ଶନ କରାଯାଉଥିବା ନେଇ ରବିବାର ବେଲଗୁଣ୍ଠା ଥାନାରେ ଉପାଧ୍ୟକ୍ଷ, ପୂର୍ବତନ କାଉନସିଲର ଓ ସମର୍ଥକମାନେ ଏତଲା ଦେଇଛନ୍ତି। ଏଠାରେ ଜାତୀୟ ପତାକାକୁ ଗତ ସ୍ୱାଧୀନତା ଦିବସଠାରୁ ଲଗାତାର ଅସମ୍ମାନିତ କରାଯାଉଥିବା ବେଲଗୁଣ୍ଠାବାସୀ ଅଭିଯୋଗ କରିଛନ୍ତି । ଜାତୀୟ ପତାକାକୁ ବିଧିବଦ୍ଧ ଭାବେ ଅବତରଣ କରିବା ପରିବର୍ତ୍ତେ ଏକ ସ୍ତମ୍ଭରେ ସାଧାରଣ କପଡା ଭଳି ଏହାକୁ ଗୁଡ଼ାଇ ରଖାଯାଇଥିବା ଅଭିଯୋଗ ହୋଇଛି। ବେଲଗୁଣ୍ଠା କାର୍ଯ୍ୟନିର୍ବାହୀ ଅଧିକାରୀ ଜାତୀୟ ପତାକାକୁ ଏହିଭଳି ଅସମ୍ମାନିତ କରିବା ଅଞ୍ଚଳବାସୀଙ୍କୁ ଆଘାତ ଦେଇଥିବା ଅଭିଯୋଗରେ କୁହାଯାଇଛି। ଏ ଦିଗରେ ପ୍ରଶାସନ ଏବଂ ସରକାର ପଦକ୍ଷେପ ଗ୍ରହଣ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏନେଇ ବେଲଗୁଣ୍ଠା ଉପନଗରପାଳ ଟି.ବବିତା କୁମାରୀ, ବରିଷ୍ଠ ଭାଜପା ନେତା ରବୀନ୍ଦ୍ରନାଥ ଚୌଧୁରୀ, ଆଇନଜୀବୀ ରାଜା ବିନ୍ଧାଣିରା, ପୂର୍ବତନ କାଉନସିଲର୍ ଯତୀନ୍ ପାତ୍ର, ଅଞ୍ଜନ ପତି, ମନୋଜ ଦଳେଇ, ସୀତାରାମ ସାହାଣି, ରିଙ୍କୁ ବିନ୍ଧାଣିରା, କାଳିଆ ଚୌଧୁରୀ, ରୋଶନ୍ ପାଢୀ, ବଳିଆ ଡାକୁଆଙ୍କ ସମେତ ବହୁ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏତଲା ବେଲଗୁଣ୍ଠା ଏସଆଇ ଅଭୟ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ, ଗଞ୍ଜାମ ଜିଲାପାଳ ଏବଂ ସୋରଡା ବିଧାୟକଙ୍କ ନିକଟକୁ ପଠାଯାଇଥିବା ଜଣାପଡିଛି।



ଭାରତର ଜାତୀୟ ପତାକାକୁ ସ୍ତମ୍ଭରେ ଗୁଡ଼େଇ ରଖାଯାଇଛି

# ଜନ୍ମାଷ୍ଟମୀ ପାଇଁ ପୋଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ



## ଦଙ୍ଗା ଗୁଜବ ପରେ ତତ୍ପରତା

ଦାରିଙ୍ଗବାଡି,୨୫।୮ (ଅରୁଣ ସାହୁ)

ରବିବାର ମଧ୍ୟରାତିରେ ଶ୍ରୀକୃଷ୍ଣ ଜନ୍ମନେବେ। ଏଥିପାଇଁ ଦାରିଙ୍ଗବାଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ରହିଥିବା ଭାଗବତ ଟୁଙ୍ଗିରେ କୃଷ୍ଣ ଜନ୍ମଦିନ ପାଳନ ସହ ସୋମବାର ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳନ ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଛି। ସେହିପରି ରବିବାର ରହିଥିବାରୁ ସମସ୍ତ ଚର୍ଚ୍ଚରେ ମଧ୍ୟ ସାମୂହିକ ପ୍ରାର୍ଥନା, ବାଇବେଲ ପଠନ ଆଦି ଚାଲିଛି। ଗତ ୧୫ ଦିନ ହେଲା କନ୍ଧମାଳ ଜିଲାରେ ଦଙ୍ଗା ଗୁଜବକୁ ନେଇ ସାଧାରଣରେ ଚିନ୍ତା ବଢ଼ାଇଥିଲା। ପୋଲିସ ଏହି ଘଟଣାକୁ ନେଇ ବିଭିନ୍ନ ବ୍ଲକ ଅଞ୍ଚଳରେ ଶାନ୍ତି କମିଟି ବୈଠକ କରିବା ସହ ଅଜଣା ଗୁଜବକାରୀଙ୍କ ନାମରେ ରାଇକିଆ, ଉଦୟଗିରି, ବାଲିଗୁଡା ଆଦି ଥାନାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେପଟେ ଶାନ୍ତି ଶୃଙ୍ଖଳାରେ ଜନ୍ମାଷ୍ଟମୀ ପାଳନ ପାଇଁ ଦାରିଙ୍ଗବାଡି ଆଇଆଇସି ରମେଶ ପ୍ରଧାନ ଏବଂ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଚିରଞ୍ଜୀବୀ ବେହେରାଙ୍କ ନେତୃତ୍ୱରେ ସିମନବାଡି, ଦାରିଙ୍ଗବାଡି, ବ୍ରାହ୍ମଣୀଗାଁ, ଗଦାପୁର ଆଦି ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ସେହିପରି ଉଭୟ ଥାନାର ଅଧିକାରୀଙ୍କ ନେତୃତ୍ୱରେ ଦାରିଙ୍ଗବାଡି ଓ ବ୍ରାହ୍ମଣୀଗାଁ ଥାନା ସୀମାବର୍ତ୍ତୀ ପୋଲିସ ମିଳିତ ଭାବେ ଶିକରମାହା ଗ୍ରାମରେ ଫ୍ଲାଗମାର୍ଚ୍ଚ କରିଛନ୍ତି।

# ୫୫ ଏସ୍‌ଏଚ୍‌ଜିକୁ ୧ କୋଟି ୬୮ ଲକ୍ଷ ଋଣ ପ୍ରଦାନ

ଗୋପାଳପୁର,୨୫।୮ (ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକରେ ରବିବାର ଲକ୍ଷପତି ଦିଦିଙ୍କୁ ପ୍ରଶଂସା ପତ୍ର ସହ ଏସଏଚଜି ସଭ୍ୟାମାନଙ୍କୁ ଋଣ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରରେ ଥିବା ସଦଭାବନା କକ୍ଷରେ ବିପିଏମ ଅଜୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୪୩୫ ଲକ୍ଷପତି ଦିଦିଙ୍କୁ ସମ୍ମାନିତ କରି ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ବିନିଯୋଗ ପାଣ୍ଠିରୁ ୩୯ଟି ଏସଏଚ୍‌ଜିକୁ ୯୦ ଲକ୍ଷ ୭୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ଓ ୧୬ଟି ଏସଏଚଜିକୁ ୭୮ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ଦିଆଯାଇଥିଲା। ମହିଳାମାନେ କିଭଳି ଲକ୍ଷପତି ଦିଦି ହେବେ ଓ ଋଣ ଟଙ୍କା ନେଇ ବ୍ୟବସାୟୀ କରି ଲାଭବାନ ହୋଇପାରିବେ ସେ ନେଇ ବିଡ଼ିଓ ଅଂଶୁମାନ ମହାପାତ୍ର କହିଥିଲେ। ଦୟାନିଧି ବେହେରା, ବିଏଲସି ପବିତ୍ରା ଦୋରା, ଏମବିକେ, ସିଆରପି ସିଏମ, ମହାସଂଘର ସଭାନେତ୍ରୀ, ସମ୍ପାଦିକା, କୃଷି, ପ୍ରାଣୀ ମିତ୍ର, ଲକ୍ଷପତି ଦିଦି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଜାତୀୟ ମହାକାଶ ଦିବସ, ଗଞ୍ଜାମ ମଣ୍ଡଳସ୍ତରୀୟ ସଂସ୍କୃତ ଦିବସ

ରମ୍ଭା,୨୫।୮ (ବନବାସୀ ସେଠୀ)

ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ କ୍ଲାସ ପରିସରରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଜାତୀୟ ମହାକାଶ ଦିବସ ଏବଂ ଗଞ୍ଜାମ ମଣ୍ଡଳ ସ୍ତରୀୟ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ପ୍ରଧାନ ଶିକ୍ଷକ ଜାତୀୟ ମହାକାଶ ଦିବସ ବିଷୟରେ ବୁଝାଇବା ସହ ବିଶ୍ୱ ସଂସ୍କୃତ ଦିବସରେ ଭାଷା ସଂସ୍କୃତିର ଉପାଦେୟତା ସମ୍ବନ୍ଧରେ ତର୍କ ପ୍ରତିଯୋଗିତା କରାଯାଇଥିଲା। ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଅନୀତା ଜେନା ମଙ୍ଗଳାଚରଣ କରିବା ପରେ ଶିକ୍ଷୟିତ୍ରୀ ରୋଜାଲିନ ମହାପାତ୍ର ସଂସ୍କୃତ ଦିବସ ପାଳନର ଆବଶ୍ୟକତା ଉପରେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏଥିରେ ନବମ ଶ୍ରେଣୀ ଛାତ୍ରମାନେ ସଂସ୍କୃତ ଶ୍ଳୋକ ଗାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଏବଂ କର୍ମଚାରୀ ଉପସ୍ଥିତଥିଲେ।

# ଗୋଷ୍ଠୀସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ବିକାଶ କାର୍ଯ୍ୟକ୍ରମ

ଫିରିଙ୍ଗିଆ,୨୫।୮ (ବିମଳ ଦିଗାଲ)

ସ୍ୱାସ୍ଥ୍ୟ ସଂଗଠନ ସୂଚନା ମୁତାବକ କରୋନା ସଂକ୍ରମଣ ପୂର୍ବରୁ ଜଣେ ମଣିଷ ମାନସିକ ସ୍ତରରେ ଯେତେ ମାତ୍ରାରେ ସୁଦୃଢ଼ ଥିଲା ବର୍ତ୍ତମାନ ତାହା ହ୍ରାସ ପାଇଛି। ଫଳରେ ସମାଜରେ ମାନସିକ ରୋଗୀଙ୍କ ସଂଖ୍ୟା କୋଭିଡ୍-୧୯ ପରଠାରୁ ଯଥେଷ୍ଟ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ବେସିକ ନିଡ୍ ଅଫ ଇଣ୍ଡିଆ, ବାଙ୍ଗାଲୋର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ମିଳିତ ସହଯୋଗରେ ଫୁଲବାଣୀ ଓ ଫିରିଙ୍ଗିଆ ବ୍ଲକର ୩୦ ପଞ୍ଚାୟତରେ ମାନସିକ ରୋଗୀଙ୍କୁ ଚିହ୍ନଟୀକରଣ, ସେମାନଙ୍କର ଚିକିତ୍ସା ଓ ସ୍ଥାୟୀ ଜୀବନଜୀବିକା ନିମନ୍ତେ ଗୋଷ୍ଠୀସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ବିକାଶ କାର୍ଯ୍ୟକ୍ରମ ବିଗତ ତିନିବର୍ଷ ହେବ କାର୍ଯ୍ୟକାରୀ କରି ଆସୁଛନ୍ତି। ଏହାର ସୁଫଳ ସ୍ୱରୂପ ରବିବାର ପର୍ଯ୍ୟନ୍ତ ୮୦୬ ମାନସିକ ରୋଗୀଙ୍କୁ ଚିହ୍ନଟ କରାଯାଇ ସେଥିରୁ ୫୫୦ ଜଣଙ୍କୁ ନିୟମିତ ଚିକିତ୍ସା କରାଯାଉଥିବା ବେଳେ ୮୫ଟି ପରିବାରକୁ ଜୀବନଜୀବିକା ସହାୟତା ଯୋଗାଇ ଦିଆଯାଇଛି ବୋଲି ପ୍ରକଳ୍ପ ସଂଯୋଜକ ବୈକୁଣ୍ଠ ଚନ୍ଦ୍ର ଦାଶ ସୂଚନା ଦେଇଥିଲେ। କିନ୍ତୁ ଚିହ୍ନିତ ବ୍ୟକ୍ତିମାନଙ୍କ ନିୟମିତ ଦେଖାଶୁଣା ଓ ଔଷଧ ସେବନ ନିତାନ୍ତ ଜରୁରୀ ଥିବାରୁ ବେସିକ ନିଡ୍ ଅଫ ଇଣ୍ଡିଆ, ବାଙ୍ଗାଲୋର ଏହି ଦିନିକିଆ କାର୍ଯ୍ୟକ୍ରମ ଆୟୋଜନ କରିଥିବା କଥା ରାଜ୍ୟ ସଂଯୋଜକ ରାଜୀବ କର୍ମୀ ମତ ପ୍ରକାଶ କରିଥିଲେ। ତତ୍‌ସହିତ ବି.ଏନ.ଆଇ. ତରଫରୁ ସୁଜାତା. ଭି ଓ ଯୁଭାନ ଫର୍ଣ୍ଣାଡିସ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମରେ ପରିବାର ସହାୟକ ଗୋଷ୍ଠୀରୁ ଆଶି ଯୋଗ ଦେଇଥିବା ନେତାମାନଙ୍କୁ ବିଭିନ୍ନ ଖେଳ, ନାଚ, ଗପ ଓ ଦଳଗତ ଆଲୋଚନା ମାଧ୍ୟମରେ ବୁଝାଇଥିଲେ। ଅନୁଷ୍ଠାନର ସମ୍ପାଦକ ଇଂ. ହରି ଶଙ୍କର ରାଉତ ଉଦ୍‌ଘାଟନୀ ଦିବସରେ ଯୋଗଦେଇଥିଲେ। ଏଥିସହ କୋଷାଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର ଓ ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ କର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ପ୍ରେସ୍ କ୍ଲବର ସାମ୍ବାଦିକ ମନୋଜ କୁମାର ସାହୁ, ବିକ୍ରମ ଦିଗାଲ, ସଞ୍ଜୟ ସାହୁ, ଭ୍ରମରବର ନାୟକ, ବିମଳ ଦିଗାଲ ଓ ସୁଶାନ୍ତ ଦିଗାଲ ଉପସ୍ଥିତ ଥିଲେ।

# ସୁବାହକ ହେଲେ ଦୁର୍ଘଟଣାକୁ ରୋକିପାରିବା: ମନ୍ତ୍ରୀ ବିଭୂତି

ଗୋପାଳପୁର,୨୫।୮ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ନିକଟସ୍ଥ ପାଲୁରସ୍ଥିତ ସୁବାହକ ଭାରି ପ୍ରଶିକ୍ଷଣ ତାଲିମଶିକ୍ଷାକେନ୍ଦ୍ର (ଆଇଡିଟିଆର୍‌ଏସ୍)ର ପ୍ରଥମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ଜେନା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କେନ୍ଦ୍ରରେ ମାଗଣାରେ ଦୁଇ ଚକିଆଯାନଠାରୁ ଆରମ୍ଭ କରି ଭାରିଯାନ ଚାଳନା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ। ପ୍ରଶିକ୍ଷାର୍ଥୀମାନେ ୩୦ ଦିନ ପ୍ରଶିକ୍ଷଣ ନେଇଥାନ୍ତି। ସେମାନଙ୍କୁ ଏହି ସମୟରେ ୩ ହଜାର ଟଙ୍କା ବୃତ୍ତି ପ୍ରଦାନ କରାଯାଇଥାଏ। ପ୍ରଶିକ୍ଷଣ ପରେ ସେମାନେ ନିଯୁକ୍ତି ମଧ୍ୟ ପାଇଥାନ୍ତି। ଏହି କେନ୍ଦ୍ରରେ ପ୍ରତିବର୍ଷ ଏକ ହଜାରରୁ ଉର୍ଦ୍ଧ୍ୱ ଯୁବକ ପ୍ରଶିକ୍ଷଣ ନେଇଥାନ୍ତି। ଏହି ସମୟରେ ସେମାନଙ୍କ ରହିବା ଓ ଖାଇବା ସୁବିଧା ମଧ୍ୟ କରାଯାଇଥାଏ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟରେ ଏଭଳି ୪ଟି ପ୍ରଶିକ୍ଷଣ କେନ୍ଦ୍ର ରହିଛି। ୫ ହଜାରରୁ ଉର୍ଦ୍ଧ୍ୱ ଯୁବକ ଉକ୍ତ କେନ୍ଦ୍ରରେ ଗାଡ଼ିଚାଳନା ପ୍ରଶିକ୍ଷଣ ନେଇଛନ୍ତି। ସୁବାହକ ହେଲେ ଆମେ ରାସ୍ତା ଦୁର୍ଘଟଣାକୁ ରୋକିପାରିବା ବୋଲି ମନ୍ତ୍ରୀ ଜେନା କହିଥିଲେ। ୩୦ ଜଣ ଦକ୍ଷ ଚାଳକଙ୍କୁ ନିଯୁକ୍ତି ଦେଇ ରାଜ୍ୟ ସରକାର ଜାପାନ ପଠାଇଛନ୍ତି। ଏହି ଅନୁଷ୍ଠାନରୁ ପ୍ରଶିକ୍ଷିତ ଚାଳକମାନଙ୍କୁ ନେବା ପାଇଁ ଦେଶ ବିଦେଶରେ ମଧ୍ୟ ଚାହିଦା ରହିଛି ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଆଡିଶନାଲ କମିଶନର ଦୀପ୍ତିରଞ୍ଜନ ପାତ୍ର, ଯୁଗ୍ମ କମିଶନର ପ୍ରଦୀପ ମହାପାତ୍ର, ବିକାଶ ଚୌଧୁରୀ, ମାନସ ରଞ୍ଜନ ସାହୁ, ରବୀନ୍ଦ୍ରନାଥ ଜେନା, ସୁନୀଲ ପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

